ଧରିତ୍ରୀ
DHARITRI
September 29-October 5, 2019 ₹ 2/-

ଛୁଟିଦିନ



# ଆବର୍ଜନାରୁ ସର୍ଜନା

୩
ପ୍ରଚ୍ଛଦ ପ୍ରସଙ୍ଗ

ପରିବେଶ ଚିନ୍ତା ଏବେ ସବୁଠୁ ବଡ଼ ଚିନ୍ତା । ତେବେ କେବଳ ଚିନ୍ତା ନୁହେଁ ସେଥିପାଇଁ ସମାଧାନର ବାଟ ଖୋଜିବା ଦରକାର । ଆଉ ସେହି ବାଟ ନିଜସ୍ୱ ଉପାୟରେ ଖୋଜିଛନ୍ତି କେଇଜଣ । ନିଜ ସାଧ୍ୟମତେ ପ୍ଲାଷ୍ଟିକ ଆଦି ବିଭିନ୍ନ ଆର୍ବଜନାରୁ କେବଳ ପରିବେଶକୁ ପ୍ରଦୂଷଣମୁକ୍ତ କରିନାହାନ୍ତି ପରନ୍ତୁ ଏହି ଆବର୍ଜନାରୁ ସର୍ଜନା କରିଛନ୍ତି–ନୂଆ ନୂଆ ଜିନିଷ ...

ରଫଲ୍
ଲେହେଙ୍ଗା
ଫ୍ୟାଶନ
୪



୮/୯
ସିନେମା

# ଶୁଭ ଅଶୁଭ ସଙ୍କେତ



* ଯେଉଁ ଘରେ ସର୍ବଦା ବିଲେଇ କଳି କରୁଥାନ୍ତି ସେହି ଘରେ ସବୁବେଳେ ବିବାଦ ଲାଗି ରହିଥାଏ ବୋଲି ଲୋକକଥା ରହିଛି।
* ଘର ସମ୍ମୁଖରେ ଗାଈ ଆସି ହମ୍ବାଳିବା ଶୁଭ ବୋଲି କୁହାଯାଏ । ସେହି ଘରକୁ ଖୁବ୍ ଶୀଘ୍ର ଖୁସି ଖବର ଆସିବାର ସୂଚନା ମିଳିଥାଏ ।
* ଘର ସାମ୍ନାରେ କୁକୁର କାନ୍ଦିବା ଅଶୁଭ ବୋଲି କୁହାଯାଏ । ଏପରି ହେବା ଦ୍ୱାରା ସେହି ଘରକୁ ବିପଦ ଆସିବାର ସଙ୍କେତ ମିଳିଥାଏ।
* ଯେଉଁ ଘରେ ଏକାସାଙ୍ଗେ ବହୁତ ପରିମାଣରେ କଳା ପିମ୍ପୁଡି ଦେଖାଯାନ୍ତି ସେହି ଘରେ ଐଶ୍ବର୍ଯ୍ୟ ବୃଦ୍ଧି ହେବା ସହ ଧନ ଲାଭର ସୂଚନା ମଧ୍ୟ ମିଳିଥାଏ ।
* ଘର ପାଖରେ ମୟୂର ଦେଖାଦେବା ଶୁଭ ସଙ୍କେତ ବୋଲି କୁହାଯାଏ। ଘର ଉପରେ ବା ଅଗଣାରେ ମୟୂର ଆସି ବସିବା ଘରକୁ ଖୁସି ଖବର ଆସିବାର ସୂଚନା ମିଳିଥାଏ ।
* ଘରେ ୩-୪ଟି କଙ୍କଡାବିଛା ଏକା ସଙ୍ଗେ ଦେଖାଦେବା ଧନହାନିର ସୂଚନା ଦେଇଥାଏ ।
* କିନ୍ତୁ ଘରେ ଯଦି ହଳଦୀ ରଙ୍ଗର ବିଛା ଦେଖାଦିଏ ତେବେ ଏହା ଧନଲାଭର ସଙ୍କେତ ଦେଇଥାଏ ।
* ଘରେ ଚୁଚୁନ୍ଦ୍ରା ଦେଖାଦେବା ଧନଲାଭର ଶୁଭ ସଙ୍କେତ ଦେଇଥାଏ ।
* ଘର ଉପରେ କୋଇଲି ଉଡିବା ଶୁଭ କୁହାଯାଉଥିବା ବେଳ ଘରେ ପେଚା ବସିବା ଅଶୁଭ ବୋଲି କୁହାଯାଏ ।
* ଛାତ ଉପରେ ବା ଅଗଣାରେ କ୍ଷତବିକ୍ଷତ ଚଢେଇ ଆସି ପଡିବା ଘରକୁ କୌଣସି ବିପଦ ଆସିବାର ସଙ୍କେତ ଦେଇଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୨୯-ଅକ୍ଟୋବର ୫

**ମେଷ**
ଅର୍ଥ ଓ ସମ୍ମାନ ମିଳିବ, ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ, ଦାୟିତ୍ୱ ବଢ଼ିଯିବ, ଧର୍ମ କାର୍ଯ୍ୟ କରିପାରନ୍ତି, ଅପୂରଣୀୟ ଆଶା ପୂରଣ ହେବ, ନୂତନ ସମ୍ପର୍କ ସୃଷ୍ଟି ହୋଇପାରେ, ନୂଆ ଚାକିରି ଅଫର ପାଇବେ, ଘରକୁ ନୂତନ ଅତିଥି ଆସିବେ।

**ବୃଷ**
ମନ ଭାରାକ୍ରାନ୍ତ ହେବ, ଅର୍ଥ ସମ୍ପର୍କିତ ବିବାଦ, ବିବାଦରେ ବିଜୟ, ନୂତନ ସ୍ଥାନ ପରିଭ୍ରମଣ, ବ୍ୟବସାୟରେ ଉନ୍ନତି, ଯାନ୍ତ୍ରିକ ଶିଳ୍ପରେ ଲାଭବାନ୍, କଚେରି ମାମଲାରେ ବିଜୟ, ସମ୍ପର୍କରେ ଅବନତି। ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା, ଯାତ୍ରାରେ ସଫଳତା ।

**ମିଥୁନ**
କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, ବିଜୟ ଲାଭ। ଅର୍ଥପ୍ରାପ୍ତିରେ ବାଧା, ବନ୍ଧୁ ମତାନ୍ତର, ପୁଞ୍ଜି ନିବେଶରେ ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ମାଙ୍ଗଳିକ କାମର ଯୋଜନା, ଚକ୍ଷୁରୋଗର ଆଶଙ୍କା।

**କର୍କଟ**
କୌଶଳ ପ୍ରୟୋଗରୁ କାର୍ଯ୍ୟ ସିଦ୍ଧି, ଆର୍ଥିକ ଉନ୍ନତି କରିବେ। ସ୍ୱାସ୍ଥ୍ୟ ଖରାପର ଆଶଙ୍କା, ଆନୁଷ୍ଠାନିକ କାମରେ ତତ୍ପରତା, ମାଲିମକଦ୍ଦମାରେ ମନସ୍ତାପ, ପରୀକ୍ଷାରେ ସଫଳତା, ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ, ସାଂସ୍କୃତିକ କାର୍ଯ୍ୟରେ ରୁଚି।

**ସିଂହ**
ଆରୋଗ୍ୟଲାଭ, ବନ୍ଧୁଙ୍କ ସହାନୁଭୂତି, ପଡ଼ୋଶୀଙ୍କ ସାହାଯ୍ୟ, ସନ୍ତାନଙ୍କ ବିଶୃଙ୍ଖଳା, ଆଇନ ସହାୟତା ମିଳିବ, ପ୍ରଶାସନିକ ସଫଳତା, ମାଲିମକଦ୍ଦମାରେ ଫଇସଲା, ନୂତନ ଗୃହ ନିର୍ମାଣ, ଯାନବାହନ କ୍ରୟ।

**କନ୍ୟା**
ଆତ୍ମୀୟଙ୍କ ସ୍ୱାର୍ଥପରତା, ଆର୍ଥିକ ଅବନତି, କର୍ମକ୍ଷେତ୍ରରେ ପ୍ରତିବନ୍ଧକ। ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ବର୍ଦ୍ଧନା, ଯୁକ୍ତିତର୍କରୁ ସମ୍ପର୍କହାନି, ଅଳସୁଆମିରୁ ଦୁଃଖ ପାଇବେ, ପାରିବାରିକ ଅଶାନ୍ତି।

**ତୁଳା**
ପୁରାତନ ରୋଗ ପୀଡ଼ା, ଶତ୍ରୁତାରୁ କାର୍ଯ୍ୟହାନି, ପୈତୃକ ସମ୍ପତ୍ତିରେ ବାଦାନୁବାଦ, କର୍ମକ୍ଷେତ୍ରରେ ଯଶ ସମ୍ମାନ। କ୍ରୀଡ଼ାନୈପୁଣ୍ୟତାରୁ ସୁନାମ, ପ୍ରଶାସନିକ ତତ୍ପରତା, ଅର୍ଥସଙ୍କଟ, ପାରିବାରିକ ଦ୍ୱନ୍ଦ୍ୱ, ସରକାରୀ ସହାୟତା ପ୍ରାପ୍ତି।

**ବିଛା**
ଲୋକାଭିମୁଖୀ କର୍ମରୁ ପ୍ରଶଂସା, ମିତ୍ରବନ୍ଧୁ ଜୁଟିବେ, ସ୍ଥଗିତ କାମରେ ଅଗ୍ରଗତି, ଋଣ କରିବାକୁ ପଡ଼ିପାରେ, ବିବାଦରେ ବିଜୟ, ଯାନ୍ତ୍ରିକ ଜିନିଷ କ୍ରୟ କରିପାରନ୍ତି, ପାରିବାରିକ ଜୀବନରେ ଝଡ଼, ଅଭିଳାଷ ପୂରଣ, ବିଦେଶୀ ବନ୍ଧୁଙ୍କ ସାହାଯ୍ୟ।

**ଧନୁ**
ଅପ୍ରତ୍ୟାଶିତ ଧନଲାଭ, ଯାନବାହନରେ ତ୍ରୁଟି, ମିତ୍ରବନ୍ଧୁରେ ମତାନ୍ତର, ନିଷ୍ପତ୍ତି ନେବାରେ ସମସ୍ୟା, କଚେରି ମାମଲାରେ ହନ୍ତସନ୍ତ, ଗବେଷଣାରେ ଅଗ୍ରଗତି, ଅଧ୍ୟୟନରେ ନିଷ୍ଠା, ପ୍ରତୀକ୍ଷାଜନିତ କଷ୍ଟ, ଆତ୍ମୀୟଙ୍କ ଅନାଦର ଭାବ।


**ମକର**
ସ୍ନାୟବିକ ଦୁର୍ବଳତା, ବନ୍ଧୁଙ୍କ ପ୍ରତାରଣା, ଅନ୍ୟମନସ୍କତାରୁ ଅର୍ଥହାନି, ଉପରିସ୍ଥଙ୍କ ତାଗିଦ, ମାନସିକ ଚାପବୃଦ୍ଧି, ବୈରାଗ୍ୟଭାବ ସୃଷ୍ଟି, ସ୍ଥାନ ପରିବର୍ତ୍ତନର ଚିନ୍ତା, ଋଣ ପରିଶୋଧ। ସମସ୍ୟା ସମାଧାନ, ସହଯୋଗର ଅଭାବ ରହିବନି।

**କୁମ୍ଭ**
ପ୍ରଗତିରେ ବାଧା, ପାରିବାରିକ ଅସହଯୋଗ, ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଯୋଗଶିକ୍ଷାରେ ରୁଚି, ସହକର୍ମୀଙ୍କ ଆନୁଗତ୍ୟ, ସ୍ୱଜନ ଶତ୍ରୁତା, ଗ୍ୟାଷ୍ଟ୍ରିକ୍ ପୀଡ଼ାରୁ ଯନ୍ତ୍ରଣା, ଆୟ ତୁଳନାରେ ବ୍ୟୟାଧିକ୍ୟ, ଋଣଭାରରେ ଅତିଷ୍ଠ ହେବେ, ବିବାଦର ସମାଧାନ।

**ମୀନ**
ମାନସିକ ଦୁଶ୍ଚିନ୍ତା, କାର୍ଯ୍ୟହାନିରୁ ମନସ୍ତାପ, ଅସାବଧାନତାରୁ ଧନକ୍ଷୟ, କର୍ମକ୍ଷେତ୍ରରୁ ପ୍ରଶଂସା, ପାରିବାରିକ ସଦ୍‌ଭାବ, ଧର୍ମକାର୍ଯ୍ୟ, ପରିବହନରୁ ଲାଭ, ବିଦେଶଯାତ୍ରାର ସୁଯୋଗ, ମିଥ୍ୟା ଅଭିଯୋଗ, ବନ୍ଧୁଙ୍କ ଭୁଲ୍ ବୁଝାମଣା।

# ଚକୋଲେଟ କଟେଜ୍

ପୃଥିବୀରେ ଏଭଳି ଅନେକ ସ୍ଥାପତ୍ୟ ରହିଛି, ଯାହାର ସୁନ୍ଦରତା ଏବଂ ସ୍ୱତନ୍ତ୍ରତା ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ସେହିଭଳି ଏକ ନିଆରା ସ୍ଥାପତ୍ୟ ରହିଛି ପ୍ୟାରିସ୍‌ଠାରେ। ଏଠାରେ ଥିବା ଏକ ଘର ନିର୍ମିତ ହୋଇଛି ସମ୍ପୂର୍ଣ୍ଣ ଚକୋଲେଟରେ। ୧୮ ବର୍ଗମିଟର ପରିମିତ ସ୍ଥାନରେ ନିର୍ମିତ ହୋଇଥିବା ଏହି କଟେଜରେ ୧.୫ ଟନ୍ ଚକୋଲେଟ ବ୍ୟବହାର କରାଯାଇଛି। ଏହି ଚକୋଲେଟ କଟେଜର ବିଶେଷତ୍ୱ ହେଉଛି ଏଠାରେ ପର୍ଯ୍ୟଟକମାନେ ରାତ୍ରିଯାପନ କରିବାର ସୁଯୋଗ ପାଆନ୍ତି। ଏହି ଘରଟିକୁ ଜଣାଶୁଣା ଫ୍ୟାଶନ ଚକୋଲେଟ ଡିଜାଇନର୍ ଜିନ୍ ଲୁକ୍ ଡେକ୍ଲୁଜିଓ ଡିଜାଇନ୍ କରିଛନ୍ତି । ଏହି ଘରର ଛାତଠାରୁ ଆରମ୍ଭ କରି ଆସବାବାପତ୍ର ତଥା ଘରେ ରଖାଯାଇଥିବା ସମସ୍ତ ଡେକୋରେଟିଭ



ଜିନିଷ କେବଳ ଚକୋଲେଟରେ ହିଁ ପ୍ରସ୍ତୁତ କରାଯାଇଛି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏଥିରେ ବ୍ୟବହୃତ ହୋଇଥିବା ଚକୋଲେଟ ଖାଇବା ଉପଯୋଗୀ ମଧ୍ୟ ।

# ପାଠକୀୟ

❖ସମାଜରେ ଏମିତି କେତେଜଣ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜସ୍ୱ ଉଦ୍ୟମରେ କରିଥାଆନ୍ତି ନିଆରା କାର୍ଯ୍ୟ। ସେମାନଙ୍କ ଭିତରେ ଅଛନ୍ତି ଏମିତି କେତେଜଣ, ଯେଉଁମାନେ ସମ୍ପୂର୍ଣ୍ଣ ମାଗଣାରେ ବିଭିନ୍ନ ପ୍ରକାର ଟ୍ରେନିଂ ଦେଇଥାନ୍ତି। ଏହାଦ୍ୱାରା ପ୍ରଶିକ୍ଷଣ ପାଉଥିବା ଶିକ୍ଷାର୍ଥୀ ପରବର୍ତ୍ତୀ ସମୟରେ ସ୍ୱାବଲମ୍ବୀ ହୋଇଥାଆନ୍ତି । ସେମିତି କେତେଜଣ ମାଗଣାରେ ଟ୍ରେନିଂ ଦେଉଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ଉଚ୍ଚକୋଟୀର ହୋଇଥିଲା। 'ଅହଂଭାବ ଦୂର କରିବାର ସୂତ୍ର' ଏବଂ 'ଲୁଣ ଖଣିରେ ସ୍ପା' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

**-ତନୁଜା ସେଠୀ, ଝାରପଡ଼ା, ଭୁବନେଶ୍ୱର**

❖ଏଥରର ଛୁଟିଦିନରେ ପ୍ରକାଶିତ 'ମାଗଣାରେ ଟ୍ରେନିଂ' ନାମକ ପାଠଟି ଏକ ଶିକ୍ଷଣୀୟ ବିଷୟ ଥିଲା। 'ଦାମୀ ହେୟାର୍ ଆସେସରିଜ୍' ଗୁଡ଼ିକୁ ଦେଖି ଆଶ୍ଚର୍ଯ୍ୟ ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ 'ଅନ୍ତର୍ଜାତୀୟ ସୁପରଷ୍ଟାର୍ ଏମା ୱାଟସନ୍'ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ମାର୍ଟଫୋନ୍' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା।

**-ଅବିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ**

❖ସିନେମା ପୃଷ୍ଠାରେ ସ୍ଥାନିତ 'ସଲ୍ଲୁଙ୍କ ପ୍ରଶଂସାରେ କ୍ୟାଟ୍ରିନା', 'ଚିନ୍ତାରେ ତାପସୀ', 'ଗୀତରୁ ଆରମ୍ଭ' ଆଦି ପାଠଗୁଡ଼ିକ ବେଶ୍ ମଜାଦାର୍ ଥିଲା। ସେହିପରି କ୍ୟାଟ୍ରିନାଙ୍କ ଫଟୋଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ସ୍ୱାଧୀନ ଶେଖର ଷଡ଼ଙ୍ଗୀଙ୍କ ରୋଜଗାର ସମ୍ପର୍କିତ ଲେଖାଟିର ଉପସ୍ଥାପନା ଶୈଳୀ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା।

**-ପ୍ରଶାନ୍ତ ମହାନ୍ତି, ଚୌଦ୍ୱାର, କଟକ**

❖'ଭିନ୍ନ ଏହି କ୍ୟାମ୍ପିଙ୍ଗ୍ ସାମଗ୍ରୀ' ପାଠଟିରୁ ବହୁ ଅଜବ ଜିନିଷ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିର୍‌ରରେ ପ୍ରେରଣା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ଧାର୍ମିକ ପର୍ଯ୍ୟଟନସ୍ଥଳୀ ଅମ୍ବାସମୁଦ୍ରମ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

**-ରାକେଶ ବରାଳ, ସୋର, ବାଲେଶ୍ୱର**

❖ବିବିଧା ପୃଷ୍ଠାରେ ସ୍ଥାନିତ 'ଶରୀର କଳାଜାଇରେ ଭରା: ତଥାପି ହେଲେ ମଡେଲ' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ବାୟୋନିକ ହାତ ଦେଇଛି ନୂଆ ଜୀବନ', 'ତାପମାତ୍ରାକୁ ଅନୁଭବ କରିପାରୁଥିବା ଟେବୁଲ' ଏବଂ 'ବେଲୁନ୍ ଲ୍ୟାମ୍ପ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ତା'ଛଡ଼ା ମଞ୍ଜମାୟା ପୃଷ୍ଠାରେ ସ୍ଥାନିତ ରବି ରାୟଙ୍କ 'ଏବେ ବି ମନେପଡେ ଆକାଶବାଣୀ କଟକ' ନାମକ ପାଠଟି ଖୁବ୍ ମନଛୁଆଁ ହୋଇପାରିଥିଲା।

**-ବିପିନ୍ ବିହାରୀ ମିଶ୍ର, ଝାରସୁଗୁଡ଼ା**

## ବିଶେଷ ଚିଠି



ଅନେକ ନୂଆ ତାଜା ଖବରରେ
ଭରପୂର ଲାଗେ ଛୁଟିଦିନ,
ସୁନ୍ଦର ପ୍ରଚ୍ଛଦପଟ ସାଙ୍ଗକୁ
ସୃଜନ, ସାଥୀ ଓ ବ୍ୟକ୍ତିତ୍ୱ ପୃଷ୍ଠାରେ
ଲାଖିଯାଏ ମନ।
ପ୍ରତି ରବିବାର ଲାଗେ ସତେଜ
ଯଦି ହାତରେ ଥାଏ 'ଧରିତ୍ରୀ ଛୁଟିଦିନ'।

**-ବିନୋଦ ବିହାରୀ ବେହେରା, ଗୋଶାଳା ରୋଡ୍, ନୟାବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଆବର୍ଜନାରୁ ସର୍ଜନା



**ପରିବେଶ ଚିନ୍ତା ଏବେ ସବୁଠୁ ବଡ଼ ଚିନ୍ତା । ତେବେ କେବଳ ଚିନ୍ତା ନୁହେଁ । ସେଥିପାଇଁ ସମାଧାନର ବାଟ ଖୋଜିବା ଦରକାର । ଆଉ ସେହି ବାଟ ନିଜସ୍ୱ ଉପାୟରେ ଖୋଜିଛନ୍ତି କେଇଜଣ । ନିଜ ସାଧ୍ୟମତେ ପ୍ଲାଷ୍ଟିକ ଆଦି ବିଭିନ୍ନ ଆର୍ବଜନାରୁ କେବଳ ପରିବେଶକୁ ପ୍ରଦୂଷଣମୁକ୍ତ କରିନାହାନ୍ତି ପରନ୍ତୁ ଏହି ଆବର୍ଜନାରୁ ସର୍ଜନା କରିଛନ୍ତି–ନୂଆ ନୂଆ ଜିନିଷ ...**





ପରିବେଶ ଚିନ୍ତା । ଏବେ ସବୁଠୁ ବଡ଼ ଚିନ୍ତା । ତେବେ କେବଳ ଚିନ୍ତା କଲେ ତ ହେବନି। ସେଥିପାଇଁ ସମାଧାନର ବାଟ ଖୋଜିବା ଦରକାର । ଆଉ ସେହି ବାଟ ନିଜସ୍ୱ ଉପାୟରେ ଖୋଜିଛନ୍ତି କେଇଜଣ । ନିଜ ସାଧ୍ୟମତେ ପ୍ଲାଷ୍ଟିକ ଆଦି ବିଭିନ୍ନ ଆର୍ବଜନାରୁ କେବଳ ପରିବେଶକୁ ପ୍ରଦୂଷଣମୁକ୍ତ କରିନାହାନ୍ତି ପରନ୍ତୁ ଏହି ଆବର୍ଜନାରୁ ସର୍ଜନା କରିଛନ୍ତି–ନୂଆ ନୂଆ ଜିନିଷ । ଯଦ୍ୱାରା ପରିବେଶ ସ୍ୱଚ୍ଛ ସୁନ୍ଦର ହେବା ସହ ଏହି ଆବର୍ଜନା ସେମାନଙ୍କ ପାଇଁ ରୋଜଗାରର ମାଧମ ବି ହୋଇପାରିଛି।

ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଭିନ୍ନ ଜିନିଷକୁ ବ୍ୟବହାର ପରେ ସମସ୍ତେ ଫିଙ୍ଗି ଦିଅନ୍ତି । ହେଲେ ସେହି ଫିଙ୍ଗା ହୋଇଥିବା ଭଙ୍ଗା ପ୍ଲାଷ୍ଟିକ, ବୋତଲ, ନଡ଼ିଆ ଷଢ଼େଇ, ରଦି କାଗଜ ଆଦିକୁ ଏମାନେ ଆଦରରେ ସାଉଁଟି ନିଅନ୍ତି । ଆଉ ତାକୁ ନେଇ ଦିଅନ୍ତି ଏକ ନୂଆ ରୂପ । ଯାହାଫଳରେ ଏହି ଆର୍ବଜନା ପୁଣିଥରେ ହୋଇଯାଏ ବ୍ୟବହାର ଉପଯୋଗୀ।

**ଭଙ୍ଗା ପ୍ଲାଷ୍ଟିକରେ କଳାକୃତି** – ଏଲ୍.ଈଶ୍ୱର ରାଓ । ଜଟଣୀ ହାଟବଜାର ଅଞ୍ଚଳର ସେ ବାସିନ୍ଦା । ଯାହାକୁ ଅଦରକାରୀ ଭାବି ଲୋକେ ଏଣେତେଣେ ଫିଙ୍ଗିଦେଇଥାନ୍ତି ସେଥିରେ ଈଶ୍ୱର ତିଆରି କରନ୍ତି ବିଭିନ୍ନ ପ୍ରତିଛବି। ବିଶେଷକରି ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରି ତାରି ମାଧ୍ୟମରେ ବିଭିନ୍ନ କଳାକୃତି ସେ ତିଆରି କରିଥାନ୍ତି । ଚତୁର୍ଥଶ୍ରେଣୀରେ ପଢିବା ସମୟରୁ ଈଶ୍ୱର ପ୍ରଥମେ ହିନ୍ଦୁଧର୍ମର ବିଭିନ୍ନ ଦେବଦେବୀଙ୍କ ଛୋଟ ଛୋଟ ମୂର୍ତ୍ତି ତିଆରି ଆରମ୍ଭ କରିଥିଲେ । ଏହି ନିଶା ତାଙ୍କୁ ଏପରି ଘାରିଥିଲା ସ୍କୁଲ ଶ୍ରେଣୀଗୃହ ମଧ୍ୟରେ ଚକ୍‌ଖଡି, ପେନ୍‌ସିଲ, ଦିଆସିଲି କାଠିରେ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରୁଥିଲେ । ଏଥିପାଇଁ ସେ ବାଇକ୍‌ର ସ୍ପୋକ୍ ସଂଗ୍ରହ କରି ଏହାରି ମାଧ୍ୟମରେ କରୁଥିଲେ । ପରେ ସେ ବାହାରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, କପ୍, ପ୍ଲେଟ, ତରଳିଯାଇଥିବା ମହମ, କୋଇଲା, ରବର,ବ୍ୟାଟେରୀ, ଅବ୍ୟବହୃତ ଫାଇବର ସିଟ୍ ଆଦି ସଂଗ୍ରହ କରି ସେଥିରେ ଅନେକ ମୂର୍ତ୍ତି ଓ ବିଭିନ୍ନ ଡିଜାଇନ୍‌ର କଳାକୃତି କରିବାକୁ ଲାଗିଲେ । ପ୍ଲାଷ୍ଟିକର ଭୟାବହତା ଓ ଶବ୍ଦ ପ୍ରଦୂଷଣ ଦ୍ୱାରା ହେଉଥିବା କ୍ଷତି ହିଁ ତାଙ୍କ କଳାକୃତିରେ ଅଧିକ ଦେଖିବାକୁ ମିଳିଲା । ସେ କହନ୍ତି ଯୁଆଡ଼େ ବି ସେ ଯାଇଥାନ୍ତି ବାଟଘାଟରେ ଯେଉଁଠି ପଡ଼ିଥିବା ଅବ୍ୟବହୃତ ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟ ବର୍ଜ୍ୟବସ୍ତୁକୁ ସଂଗ୍ରହ କରିନେଇଥାନ୍ତି । ୨୦୦୨ମସିହାରେ ଈଶ୍ୱର ଭୁବନେଶ୍ୱରସ୍ଥିତ ରାଜ୍ୟ ହସ୍ତ ତାଲିମ ପ୍ରତିଷ୍ଠାନ କେନ୍ଦ୍ରରେ ତାଲିମ ନେଇଥିଲେ । ଈଶ୍ୱର କୁହନ୍ତି ଏହାକୁ ବୃତ୍ତି ନୁହେଁ ନିଶାଭାବେ ଗ୍ରହଣ କରି ନେଇଛି । ସରକାରଙ୍କ ସହଯୋଗ ରହିଲେ ଏହି କଳାକୁ ଦେଶ ବିଦେଶରେ ପହଁଞ୍ଚାଇବାକୁ ପ୍ରଚେଷ୍ଟା କରିବି।

**ପରିବେଶ ଚିନ୍ତାରେ ପତ୍ନୀପତି**– ସେ ଜଣେ ସାମାଜିକ କର୍ମୀ ଭାବେ ରାଜ୍ୟରେ ବେଶ୍ ଜଣାଶୁଣା । ସମାଜସେବା ସହିତ ପରିବେଶ ସୁରକ୍ଷା ପାଇଁ ତାଙ୍କର ସବୁବେଳେ ଚିନ୍ତା। ପଲିଥିନମୁକ୍ତ ସ୍ୱଚ୍ଛ ସୁସ୍ଥ ପରିବେଶ ନିମନ୍ତେ ସେ ସର୍ବଦା କାର୍ଯ୍ୟ କରି ଆସୁଛନ୍ତି। ଏହାଛଡ଼ା ଭୁବନେଶ୍ୱର ଉପକଣ୍ଠସ୍ଥ ଚନ୍ଦକା ଜଙ୍ଗଲରେ ମାଟିରେ ବିଭିନ୍ନ ଫଳର ମଞ୍ଜିକୁ ରଖି ମାଟିପେଣ୍ଡୁଳା ବିହନ ପ୍ରଣାଳୀରେ ବିଭିନ୍ନ ଗଛର ମଞ୍ଜିକୁ ବୃକ୍ଷସୃଷ୍ଟି ନିମନ୍ତେ ଫିଙ୍ଗିଥାନ୍ତି ଜଙ୍ଗଲର ଅଗନାଅଗନି ଜାଗା ମଧ୍ୟକୁ । ପୁଣି ଘରେ ବର୍ଜ୍ୟବସ୍ତୁରୁ ସେ ବିଭିନ୍ନ ପୁନଃ ବ୍ୟବହାର ଉପଯୋଗୀ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ସେ ହେଲେ ସୁଶାନ୍ତ କୁମାର ସାହୁ, ପିତା ସତ୍ୟନାରାୟଣ ସାହୁ, ମା' ମନୋରମା ସାହୁ। ଘର ନୟାଗଡ଼ ଜିଲାର ଖଣ୍ଡପଡ଼ା ଗ୍ରାମରେ। ମାତ୍ର ସେ ରୁହନ୍ତି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ। ସେ କୁହନ୍ତି ବିଭିନ୍ନ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ମନରେ ଅନେକ ନୂତନ ଚିନ୍ତା ସୃଷ୍ଟି ହୋଇଥିଲା। ଘରେ ବଳକା ସମୟରେ ନିଜର ବ୍ୟବହାର ଉପଯୋଗୀ କେତେକ ପୁରୁଣା ଲୁଗାପଟାରୁ ବିଭିନ୍ନ ପ୍ରକାରର ପାବଛ ତଆରି କରିଛି। ଏଣେତେଣେ ପଡୁଥିବା ପ୍ଲାଷ୍ଟିକ ପାଣି ବୋତଲକୁ ସଂଗ୍ରହ କରି ସେଥିରେ ମାଟି ରଖି କେତେକ ପ୍ରଜାତିର ଗଛ ଲଗାଇଛି। ଛୋଟଛୋଟ ପଥର,ଗୋଡ଼ି ଓ ଜରିରେ ସୁନ୍ଦର ସୁନ୍ଦର ଖେଳନା ତିଆରି କରିଛି। ଘରେ ବ୍ୟବହୃତ କୋଲଡ୍ରିଙ୍କସ ପ୍ଲାଷ୍ଟିକ ବୋତଲ ଏବଂ ରାସ୍ତାକଡ଼, ଆଖପାଖ ଦୋକାନରୁ ଭଙ୍ଗାଫଟା ପ୍ଲାଷ୍ଟିକ ଡବା,ବିସ୍କୁଟ ଡବା, ଘିଅଡ଼ବା,ମାଟିରେ ପୋଡ଼ା ଯାଇଥିବା କୋଡୁଆ,କଳସ ଆଦି ସଂଗ୍ରହ କରେ। ତାକୁ ନେଇ ଛାତ ଉପରେ ଭେଣ୍ଡି, ଲଙ୍କା, ଧନିଆପତ୍ର,ଗେଣ୍ଡୁଫୁଲ, ଆହୁରି ଅନେକ ପ୍ରକାରର ଗଛ ଲଗାଇଛି। ତେବେ ଭୁବନେଶ୍ୱରରେ ମାଟି ,ଖତ ସଜହରେ ମିଳିପାରେ ନାହିଁ। କେତେକ ବୋଲତରେ ପାଣି ରଖି ବିଭିନ୍ନ ପ୍ରକାରର ଗଛକୁ ବଢାଇଛି। ମାଟିରେ ଯେପରି ଜୀବନ ରହିଛି ପାଣିରେ ମଧ୍ୟ ସେହିପରି ଜୀବନ ଅଛି। ମାଟିରେ ପୋଡ଼ା ହୋଇଥିବା ମାଟିକୁଡୁଆଗୁଡ଼ିକ ବି ପାଣିରେ ମିଶି ନ ଥାଏ। ତେଣୁ ସେଗୁଡ଼ିକ ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ବ୍ୟବହାର ଯୋଗ୍ୟ ପାଣିପାତ୍ର କରାଯାଇପାରେ। ସେହିପରି ଭାବେ ତାଙ୍କ ଧର୍ମ ପତ୍ନୀ ଅନୁସୂୟା ସାହୁ ଜଣେ ଚିତ୍ରଶିଳ୍ପୀ , ସେ ମଧ୍ୟ ପର୍ଯ୍ୟାବରଣକୁ ସୁସ୍ଥ ସୁନ୍ଦର, ସବୁଜ ରଖିବା ପାଇଁ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ଯଥା– ନଡ଼ିଆ ଷଢ଼େଇ,ନଡ଼ା ବା କୁଟା ଆଦିରେ ସୁନ୍ଦର ସୁନ୍ଦର ଚିତ୍ର ତିଆରି କରିଛନ୍ତି। ଛୋଟଛୋଟ ପିଲାମାନଙ୍କୁ ଘରେ ଚିତ୍ର ଶିକ୍ଷା ମାଧ୍ୟମରେ ପରିବେଶ ସୁରକ୍ଷା ସମ୍ପର୍କୀୟ ଶିକ୍ଷା ଦେଇଥାନ୍ତି।

**ଫିଙ୍ଗା ଯାଇଥିବା ପ୍ଲାଷ୍ଟିକ ବୋତଲକୁ ନେଇ ରୋକାଗଲା ମୃତ୍ତିକାକ୍ଷୟ** : ପରିବେଶ ସୁରକ୍ଷା ଓ ପ୍ରଦୂଷଣମୁକ୍ତ ପରିବେଶ ଆଜିର ଏକ ବଡ଼ ଆହ୍ୱାନ । ମାଲକାନଗିରି ଜିଲା ସଦରମହକୁମାର ଭୈରବୀ ମନ୍ଦିର ନିକଟ ଜଙ୍ଗଲରେ ଥିବା ନାଳଗୁଡ଼ିକରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଦ୍ୱାରା ଚେକ୍ ଡ୍ୟାମ ନିର୍ମାଣ କରିଛି ବନବିଭାଗ। ଫଳରେ ଜଳସ୍ରୋତକୁ ଅଟକାଇବା ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ ବନ ବିଭାଗ ଅଭିନବ ଉପାୟ ଅବଲମ୍ବନ କରଛି। ଜିଲା ପରିବେଶ







ସମିତି ପକ୍ଷରୁ ଗତବର୍ଷ ସହରରେ ପ୍ରାୟ ୫ଦିନ ଧରି ବିଭିନ୍ନ ୱାର୍ଡ ଏବଂ ମୁଖ୍ୟରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ ଏବଂ ଜରି ସଂଗ୍ରହକରି ସେଥିରେ ଜାଲି ପ୍ରସ୍ତୁତ କରାଯାଇଥିଲା । ଏଥିରେ ୨୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ସବୁଜ ବାହିନୀ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ । ପରୀକ୍ଷାମୂଳକ ଭାବେ ଛୋଟ ଛୋଟ ନାଳରେ ପ୍ଲାଷ୍ଟିକ ବୋତଲ ଦ୍ୱାରା ବନ୍ଧ ବାନ୍ଧି ପାଣିକୁ ଅଟକାଇବା ପାଇଁ ପ୍ରୟାସ କରାଯାଇଥିଲା । ଏହା ସମ୍ପୂର୍ଣ୍ଣ ସଫଳ ନ ହେଲେବି ଅନେକ ସ୍ଥାନରେ ମୃତ୍ତିକା ସଂରକ୍ଷଣ ଓ ଜଳ ସଂରକ୍ଷଣ ସହ ନାଳର ଉପର ମୁଣ୍ଡରେ ପ୍ରଚୁର ଉର୍ବର ମାଟି ସଂରକ୍ଷଣ ହୋଇପାରିଲା । ଜୈବିକ ସାର ଯୁକ୍ତ ମାଟିକୁ ଅନେକ ଗ୍ରାମବାସୀ ନେଇ ପନିପରିବା ଏବଂ ଫୁଲ କୁଣ୍ଡରେ ବ୍ୟବହାର କରି ସୁଫଳ ପାଇଥିଲେ । ଗୋଇ ପର୍ବତର ୧୮ହଜାର ହେକ୍ଟର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କେତେକ ନାଳରେ ପ୍ଲାଷ୍ଟିକ ବୋତଲ ଦ୍ୱାରା ଚେକ୍ ଡ୍ୟାମକରି ମୃତ୍ତିକା ଏବଂ ଜଳ ସଂରକ୍ଷଣ ସହ ଜୈବିକ ସାର ସୃଷ୍ଟି କରି ପାରିଛନ୍ତି । ଜଙ୍ଗଲ ମଧ୍ୟରେ ଥିବା ଝରଣା ଏବଂ ନାଳର ଉଭୟ ପାର୍ଶ୍ୱ ମୃତ୍ତିକା କ୍ଷୟରୁ ରକ୍ଷା ହୋଇଛି । ଅନେକ ଦିନଧରି ସେହି ସ୍ଥାନରେ ଜଳ ସଂରକ୍ଷିତ ହେଇ ରହୁଥିବାରୁ ଭୂତଳ ଜଳ ଦ୍ୱାରା ବୃକ୍ଷ ରାଜି ସହଜରେ ନଷ୍ଟ ହେଉନାହିଁ ଏବଂ ପ୍ରଚୁର ପରିମାଣର ଖାଦ୍ୟ ଜଳ ପାଇଥାଏ । ଏ ସମ୍ପର୍କରେ ମାଲକାନଗିରି ଡି.ଏଫ୍.ଓ. ପ୍ରଦୀପ ଦେବିଦାଶ ମିରାଶେ କହିଛନ୍ତି ଯେ ଗତବର୍ଷ ଠାରୁ ମାଲକାନଗିରି ବନ ବିଭାଗ ବିଭିନ୍ନ ଜଙ୍ଗଲରେ ଅଦରକାରୀ ପ୍ଲାଷ୍ଟିକ ବୋତଲ ଦ୍ୱାରା ନାଳ ଏବଂ ଝରଣାଗୁଡ଼ିକରେ ଚେକ୍‌ଡ୍ୟାମ ନିର୍ମାଣାଧୀନ ରହିଛି । ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବା ସହ ଯେଉଁମାନେ ଅଦରକାରୀ ବୋତଲ ସଂଗ୍ରହ କରୁଛନ୍ତି ସେମାନେ ବନ ବିଭାଗକୁ ଏହା ବିକ୍ରୟ କରିପାରିବେ । ମାଲକାନଗିରି ଜିଲାରେ ସାତଟି ବନାଞ୍ଚଳକୁ ଏହା ସମ୍ପ୍ରସାରିତ କରାଯିବ ।

**ପରିବେଶ ସୁରକ୍ଷା ପାଇଁ ଜନସଚେତନତା ଜରୁରୀ** -ଦିନକୁ ଦିନ ପୃଥିବୀପୃଷ୍ଠରେ ଜନସଂଖ୍ୟା ବୃଦ୍ଧି ଘଟିବା ସହିତ ପରିବେଶ ଦୂଷିତ ହେବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ପ୍ରାକୃତିକ ପରିବେଶର ସୁରକ୍ଷା ଏବଂ ପ୍ରଦୂଷଣମୁକ୍ତ ପରିବେଶ ନିମନ୍ତେ ସାମାଜିକ ଅନୁଷ୍ଠାନ ଆଇ.ଆଇ.ସି.ର ନିର୍ଦ୍ଦେଶକ ଡ.ଶିଶିର କୁମାର ଦାସ କୁହନ୍ତି କେତେକ କ୍ଷେତ୍ରରେ ବିଭିନ୍ନ ସୂତ୍ରର ଯୋଜନା ପ୍ରସ୍ତୁତ କରି ବିଶେଷଜ୍ଞଙ୍କ ପରାମର୍ଶରେ ସମାଜର ବିଭିନ୍ନ ସ୍ତରରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଉଛି । କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଓ ତା'ର ପୁନଃ ଉପଯୋଗୀ ବ୍ୟବସ୍ଥାକୁ ନେଇ କିପରି ସୁଯୋଗ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ସଚେତନତା ଜରୁରୀ । ଏହାସହ ଗାଁ ଓ ସହର ଅଞ୍ଚଳର ଅଦରକାରୀ ଜମିରେ କ'ଣ କରାଗଲେ ସେଥିରେ ପ୍ରକୃତିର ସୁରକ୍ଷା ସହିତ ବ୍ୟକ୍ତି ଲାଭବାନ୍ ହୋଇପାରିବେ ସେ ସମ୍ପର୍କରେ କର୍ମଶାଳା କରିଥାନ୍ତି । । ଯେମିତି ଅଦରକାରୀ ରଦ୍ଦି କାଗଜକୁ ନେଇ ଏକ ପେନ୍ ପ୍ରସ୍ତୁତ କରିବାର ପ୍ରୟାସ କରାଯାଇଛି । ଏପରିକି ବର୍ଜ୍ୟବସ୍ତୁରୁ ସୃଷ୍ଟ ଜୈବସାରକୁ କୃଷି କ୍ଷେତ୍ରରେ ପ୍ରୟୋଗକରି କିପରି ଅଧିକରୁ ଅଧିକ ଲାଭବାନ୍ ହୋଇପାରିବେ ତା'ର ଉପରେ ଗୁରୁତ୍ୱାରୋପ କରାଯାଉଛି । ଅନ୍ୟପକ୍ଷେ ଜୈବିକ ସାରରୁ ବିଦ୍ୟୁତ୍ ଉତ୍ପାଦନ କିପରି ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥାନ୍ତି । ତେବେ ବର୍ଜ୍ୟବସ୍ତୁ କିପରି ଲୋକମାନଙ୍କର ବିଭିନ୍ନ କାମରେ ଆସିପାରିବ ସେ ସମ୍ପର୍କରେ ସଚେତନତାର ଆବଶ୍ୟକତା ରହିଛି ।

**ଅଦରକାରୀ ଷଢ଼େଇରୁ ସୃଷ୍ଟି କଳାକୃତି**-ଅଦରକାରୀ ନଡ଼ିଆ ଷଢେଇ, କତାକୁ ନେଇ ବିଭିନ୍ନ ରକମର ଖେଳନା, ଘର ସାଜସଜ୍ଜା, ବ୍ୟବହାର ଉପଯୋଗୀ କେତେକ ସାମଗ୍ରୀ ପ୍ରସ୍ତୁତ କରି କାରିଗରମାନେ ନିଜ ନିଜର ଜୀବିକା ନିର୍ବାହ ସହିତ ଆମ ରାଜ୍ୟର କଳାକୃତିର ସ୍ୱତନ୍ତ୍ର ପରିଚୟ ଦେଇଥାନ୍ତି । ତେବେ ଏହି ଅଦରକାରୀ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ତିଆରି ପାଇଁ ସାକ୍ଷୀଗୋପାଳ ,ପୁରୀ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି । ଏଥିରେ ପେନଷ୍ଟାଣ୍ଡ, ଚା' କପ୍, ମନିପର୍ସ, ସିଂହ,ହାତୀ,ଘୋଡ଼ା,କୁକୁଡ଼ା ଆଦି ଖେଳନା ତିଆରି କରିଥାନ୍ତି । ସେହିପରି କାଗଜମୁଖା ଏକ ପାରମ୍ପରିକ ଚିତ୍ରକଳା । ରଘୁରାଜପୁର, ଦାଣ୍ଡସାହି, ପୁରୀ ଚିତ୍ରକାର ସାହି, ବାଲିସାହି ଏବଂ ଓଡ଼ିଶାର ଗଡ଼ଜାତ ଅଞ୍ଚଳରେ ତିଆରି ହୁଏ । ରଘୁରାଜପୁରରେ ଏହି କଳା ଏବେ ବି ଜୀବିତ ଅଛି । ଏହି କଳା ପ୍ରସ୍ତୁତ ପାଇଁ ପୁରୁଣା ଖବରକାଗଜ, କଇଁଆ ମଞ୍ଜି ଅଠା, ମାଟି ଛାଞ୍ଚ ଦ୍ୱାରା ପରସ୍ତ ପରସ୍ତ କାଗଜ ପକାଯାଇ ତା'ପରେ ଗୋବର ମାଟି ଦ୍ୱାରା ତିଆରି କରାଯାଇ ତା' ପରେ ଖଡ଼ିଗୁଣ୍ଡ ଲେପ ପରେ ପ୍ରାକୃତିକ ରଙ୍ଗ କରାଯାଇଥାଏ ।

**ଗୋମୟରୁ ସର୍ଜନା**-:ଗୋବରକୁ ନେଇ କେବଳ ଜୈବିକସାର ହୋଇପାରେ ତା' ନୁହେଁ ଗୋବରରେ ବିଭିନ୍ନ ପ୍ରକାରର ଖେଳନା, ହୋମଯଜ୍ଞ ନିମନ୍ତେ ଜାଳେଣି ଜଡ଼ିବୁଟି ପ୍ରସ୍ତୁତ କରାଯାଇପାରେ । ତେବେ ଏପରି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣେ ଯୁବକ ହେଲେ ବିବୁଧେନ୍ଦ୍ର ବିଦ୍ୟାଧର , ପିତାଙ୍କ ନାମ ବିଷ୍ଣୁ ପ୍ରସାଦ ଜେନା, ମା ଶ୍ରୀମତୀ ପ୍ରଭାତି ଜେନା । ଘର ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ମଦନପୁର ଗ୍ରାମରେ । ସେ କୁହନ୍ତି ୧୯୬୬ମସିହାରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ପରେ ମାତ୍ରାଧିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ଜମିରେ ଅଧିକ ଅମଳ ହେଲା କିନ୍ତୁ ପରବର୍ତ୍ତୀ ସମୟରେ ଜମିରୁ ଉର୍ବରତା କମିବା ସହିତ ଅନେକ ପ୍ରକାରର ରୋଗବ୍ୟାଧିରେ ପ୍ରାଣୀଜଗତ ଆକ୍ରାନ୍ତ ହେଲେ । ମାତ୍ର ଜୈବିକ ଉପାୟରେ ଚାଷ କରିବାକୁ ହେଲେ ଗୋବଂଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଜଙ୍ଗଲରେ ଯେଉଁ ବୃକ୍ଷଲତା ବଢ଼େ ଆମେ ସେଥିରେ ସାରଖତ ଦେଇ ନଥାଉ ତାହା ଉତ୍ତମଭାବେ ବଢ଼ିଥାଏ । ଏବେ ଘରେ ବଳକା ପନିପରିବାର ଚୋପା ପଚାଅଂଶ ଗଛରପତ୍ରକୁ ନେଇ ଏକ ଖାତକରି ସେଥିରେ ଜୈବିକ ଖତ ପ୍ରସ୍ତୁତ କରିଥାଏ । ଗୋବରରେ ଦୀପ, ଧୂପଷ୍ଟାଣ୍ଡ, ଶ୍ରୀଗଣେଶଙ୍କ ମୂର୍ତ୍ତି ପ୍ରସ୍ତୁତ କରିଥିଲୁ । ଏବେ ଏହା କେତେକଙ୍କ ପାଇଁ ରୋଜଗାର ବାଟ ଦେଖାଇଛି ।

**ମଦ ବୋତଲରେ ଚିତ୍ରକଳା** :ପିଲା ବେଳୁ ଚିତ୍ର ଆଙ୍କିବା ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା । ଏବେ ଅଦରକାରୀ ମଦ ବୋତଲରେ ଆଙ୍କୁଛନ୍ତି ମ୍ୟୁରାଲ ଆର୍ଟ । ମ୍ୟୁରାଲ ଆର୍ଟର ଅର୍ଥ ହେଉଛି, କୌଣସି କାନ୍ଥ କିମ୍ବା ଅନ୍ୟ କୌଣସି ସ୍ଥାନରେ ଚିତ୍ରକଳାକୁ ସ୍ଥାନ ଦେବା । ଏଥିରେ ପ୍ରାୟତଃ ପ୍ରାଚୀନ ସଂସ୍କୃତିକୁ ଚିତ୍ର ମାଧ୍ୟମରେ ସ୍ଥାନିତ କରାଯାଏ । ମ୍ୟୁରାଲ୍ ଆର୍ଟ ଗୁଡ଼ିକ ୫୦୦ରୁ ୧୦୦୦ଟଙ୍କା ଦରରେ ବିକ୍ରି ହେଉଛି । ଏହି ପ୍ରତିଭା ଜଣଙ୍କ ହେଉଛନ୍ତି ପୁରୀ ଜିଲା କଣାସ ବ୍ଲକ ଅଣ୍ଡାରସିଂହ ଗ୍ରାମର ବିଶ୍ୱରେଖା ଜଗଦେବ । ବାପା ବିକ୍ରମ କୁମାର ଜଗଦେବ ଓ ମା' ଗଗନୀ ଦେଇ । ସେ ହାଇଦ୍ରାବାଦରେ ସଫ୍ଟୱେୟାର ଡେଭଲପର ଭାବେ ଏକ ଅନ୍ତର୍ଜାତୀୟ କମ୍ପାନୀରେ କାର୍ଯ୍ୟ କରୁଛନ୍ତି । ହେଲେ ଚିତ୍ରକଳାକୁ ନିଶା ଭାବେ ବାଛି ନେଇଛନ୍ତି । ଚିତ୍ର ଆଙ୍କିବାର ପ୍ରେରଣା ସେ ତାଙ୍କ ବାପା, ମା'ଙ୍କ ଠାରୁ ପାଇଛନ୍ତି ବୋଲି କୁହନ୍ତି । ଭୁବନେଶ୍ୱରରେ ରହି ପାଠ ପଢ଼ିବା ସମୟରେ ହିଁ ସେ ସର୍ବାଧିକ ମ୍ୟୁରାଲ ଆର୍ଟ ସୃଷ୍ଟି କରିଛନ୍ତି । ମଦ ବୋତଲ, ମୃଦ୍ୟୁପାନୀୟ ବୋତଲରେ ପଟଚିତ୍ର ଆଙ୍କୁଛନ୍ତି । ପଟଚିତ୍ର ଗୁଡ଼ିକର ମୂଲ୍ୟ ଅଧିକ ଦରରେ ବିକ୍ରି ହୁଏ । ଏହାଛଡ଼ା ପ୍ରକୃତିକୁ ଆଧାର କରି କରାଯାଉଥିବା ମ୍ୟୁରାଲ ଆର୍ଟ ଗୁଡ଼ିକର ଚାହିଦା ଅଧିକ ରୁହେ ବୋଲି ବିଶ୍ୱରେଖାଙ୍କ ମତ । ତାଙ୍କର ପ୍ରଥମ କଳାକୃତି ଥିଲା ଏକ ମଦ ବୋତଲରେ ପଟଚିତ୍ର । ଏହାକୁ ସେ ମାତ୍ର୧୦୦ଟଙ୍କାରେ ନିଜର ଜଣେ ବନ୍ଧୁଙ୍କୁ ବିକ୍ରି କରିଥିଲେ । ଏହା ପରଠାରୁ ସେ କଳାକୃତି ବନ୍ଦ କରି ନାହାନ୍ତି । ଏପରିକି ଅନଲାଇନ ଯୋଗେ ମଧ୍ୟ ତାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ହେଉଛି । ଫୋପାଡ଼ି ଦିଆଯାଉଥିବା ସାମଗ୍ରୀକୁ ଚିତ୍ରଣ କରିବା ସମ୍ପର୍କରେ ସେ କୁହନ୍ତି ଅଦରକାରୀ ବସ୍ତୁ ଯେତେବେଳେ ଆକର୍ଷଣୀୟ ହୋଇଯାଏ ତାକୁ ସମସ୍ତେ ଗ୍ରହଣ କରନ୍ତି । ରାସ୍ତାକଡ଼ରେ ପଡ଼ିଥିବା ମଦବୋତଲକୁ ସଂଗ୍ରହ କରି ସେ ଘରକୁ ଆଣନ୍ତି । କେମିକାଲ ଦେଇ ତାକୁ ସଫା କରିନ୍ତି । ପରେ ଏକ ରଙ୍ଗର ପ୍ରଲେପ ମଦବୋତଲରେ ଦେବା ପରେ ଏଥିରେ ନିର୍ଦ୍ଦିଷ୍ଟ ଚିତ୍ରକଳା ଚିତ୍ରଣ ହୋଇଥାଏ । ଏହା ଛଡ଼ା ପଲିଥିନ ଟିସୁ ପେପର ଓ କାଗଜଖୋଳକୁ ବ୍ୟବହାର କରି ସେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।

ସୁସ୍ଥ ପରିବେଶ ପାଇଁ ଅହରହ ଚିନ୍ତା କରୁଥିବା ଏହି ମଣିଷମାନେ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ଉଦାହରଣ ।

**-ରୋଜାଲିନ ମହାନ୍ତି, ବନବିହାରୀ ବେହେରା**
**କୁମାରଶ୍ରୀ ସାହୁ, ଶ୍ରୀକାନ୍ତ ପରିଜା,**
**କିଶୋର ମହାପାତ୍ର, ଦୁର୍ଯ୍ୟୋଧନ ପାତ୍ର**


ଡ. ଶିଶିର କୁମାର ଦାସ


ଏଲ୍. ଈଶ୍ୱର ରାଓ


ସୁଶାନ୍ତ କୁମାର ସାହୁ


ବିଶ୍ୱରେଖା ଜଗଦେବ






ବିବୁଧେନ୍ଦ୍ର ବିଦ୍ୟାଧର



# ରଫଲ୍ ଲେହେଙ୍ଗା

**ପୋଷାକରେ କୁଞ୍ଚ କୁଞ୍ଚ ହୋଇ ଝୁଲିକି ରହିଥିବା କପଡ଼ାର ଷ୍ଟାଇଲ୍‌କୁ ହିଁ ରଫଲ୍ କୁହାଯାଇଥାଏ। ଆଉ ଏହି ରଫଲ୍ ପାଇଁ ସାଧାରଣ ପୋଷାକ ବି ଆକର୍ଷଣୀୟ ଲାଗିଥାଏ...**



ସାଧାରଣତଃ ପୋଷାକର କିଛି କିଛି ସ୍ଥାନରେ କପଡ଼ା କୁଞ୍ଚ କୁଞ୍ଚ ହୋଇ ଝୁଲିକି ରହିବାର ଷ୍ଟାଇଲ୍‌କୁ ରଫଲ୍ କୁହାଯାଇଥାଏ। ଆଉଟ୍‌ଫିଟ୍ ଯେତେ ସିମ୍ପଲ ହେଉନା କାହିଁକି, ରଫଲ୍ ଦ୍ୱାରା ସେଥିରେ ଗ୍ଲାମର ଟଚ୍ ଆସିଥାଏ। ସେଥିପାଇଁ ତ ଏବେ ରଫଲ୍ ଆଉଟ୍‌ଫିଟ୍‌ର ଟ୍ରେଣ୍ଡ ଖୁବ୍ ଚାଲିଛି। ଟପ୍ସଠାରୁ ଆରମ୍ଭ କରି ଶାଢ଼ି, ଡ୍ରେସ୍, ସ୍କର୍ଟ ଏପରି କି ଲେହେଙ୍ଗାରେ ବି ରଫଲ୍ ଷ୍ଟାଇଲ୍‌କୁ ଅନୁକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଠାରେ ସେମିତି କିଛି ଟ୍ରେଣ୍ଡି ରଫଲ୍ ଲେହେଙ୍ଗା ସମ୍ପର୍କରେ...

**ରଫଲ୍ ଆର୍ଟ ସିଲ୍କ ରେଡ୍ ଲେହେଙ୍ଗା:** ଏହାକୁ ଫ୍ୟାଶନ ଏକ୍ସପର୍ଟମାନେ ନ୍ୟୁ ଏଜ୍ ଲେହେଙ୍ଗା ବୋଲି ମଧ୍ୟ କହିଥାନ୍ତି। ଏହି ଲେହେଙ୍ଗାର ଆକର୍ଷଣୀୟ ରଙ୍ଗ ସାଙ୍ଗକୁ ମଲ୍ଟି ଲେୟାର୍ ଡିଜାଇନ୍ ପାର୍ଟି ଲୁକ୍ ପାଇଁ ପୂରା ପରଫେକ୍ଟ ଲାଗେ। ତେବେ ଏହି ଲେହେଙ୍ଗାର ରଙ୍ଗ ରେଡ୍ ବା ନାଲି ହୋଇଥିବାରୁ ତା'ସହିତ ମ୍ୟାଚିଂ କରି ନାଲି ରଙ୍ଗର ହାଇ ହିଲ୍ ପିନ୍ଧିଲେ ଲୁକ୍ ମଡର୍ନ ଲାଗିଥାଏ।



**ଲେହେଙ୍ଗା ଉଇଥ୍ ରଫଲ୍ ଦୁପଟ୍ଟା:** ମିକ୍ସ ଆଣ୍ଡ ମ୍ୟାଚ୍ ପାର୍ଟନ ଆଉଟ୍‌ଫିଟ୍‌ର ବି ଚଳଣି ଏବେ ଖୁବ୍ ଚାଲିଛି। ତେଣୁ ଆଜିକାଲି ଦେଖିବାକୁ ମିଳୁଛି କେତେକ ଲେହେଙ୍ଗାର କେବଳ ଦୁପଟ୍ଟା ବା ଓଢ଼ଣୀରେ ରଫଲ୍ କାମ ହୋଇ ଆସୁଛି, ଯାହାକୁ ପାର୍ଟି, ଫଙ୍କସନ୍ ଏପରି କି ପର୍ବପର୍ବାଣିରେ ମଧ୍ୟ ପିନ୍ଧି ହେବ। ଯେହେତୁ ଏହି ଲେହେଙ୍ଗାର କେବଳ ଦୁପଟ୍ଟାରେ ରଫଲ୍ କାମ ହୋଇଥାଏ, ତେଣୁ ଏହାକୁ ମ୍ୟାଚିଂ କରି ରଫଲ୍ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲ୍ ବାଲାନ୍ସ ଲାଗିଥାଏ।

**ରଫଲ୍ ଏମ୍ବ୍ରୋଡୋରୀ ଲେହେଙ୍ଗା ଚୋଲି:** ଏମ୍ବ୍ରୋଡୋରୀ କାମ ହୋଇଥିବା ଆଉଟ୍‌ଫିଟ୍ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ଆଉ ଯେଉଁ ଲେହେଙ୍ଗାରେ ଏମ୍ବ୍ରୋଡୋରୀ ସାଙ୍ଗକୁ ରଫଲ୍ ଡିଜାଇନ୍‌ର ବ୍ୟବହାର ହୋଇଥିବ, ତାହା ଯେ କେତେ ସୁନ୍ଦର ଦେଖାଯାଉ ନ ଥିବ ଥରେ ଚିନ୍ତା କରନ୍ତୁ ନା। ତା'ହେଲେ ଆଉ ଡେରି କାହିଁକି ଆସନ୍ତା ପାର୍ବଣ ଋତୁରେ ଏ ଷ୍ଟାଇଲ୍‌ର ଲେହେଙ୍ଗାକୁ କିଣି ଗ୍ଲାମର୍ସ ଲୁକ୍ ପାଇବାକୁ ପ୍ରସ୍ତୁତ ହୋଇ ଯାଆନ୍ତୁ ନା। ତେବେ ଏହି ଲେହେଙ୍ଗା ସହ ହାଲ୍‌କା ଜୁଏଲେରୀ ପିନ୍ଧିଲେ ସୋବର୍ ଲୁକ୍ ମିଳିଥାଏ।

**ଷ୍ଟୋନ ୱାର୍କ ରଫଲ୍ ଲେହେଙ୍ଗା:** ଏ ଧରଣର ଲେହେଙ୍ଗାରେ ଯେଉଁ ଯେଉଁ ସ୍ଥାନରେ ରଫଲ୍‌ର ବ୍ୟବହାର କରାଯାଇଥାଏ, ଠିକ୍ ସେହି ସ୍ଥାନରେ ଗୋଟିଏ ଗୋଟିଏ ଷ୍ଟୋନ ଲାଗିବା ସହ ଲେହେଙ୍ଗାର ବ୍ଲାଉଜ୍ ଓ ଦୁପଟ୍ଟାରେ ବି ଷ୍ଟୋନ କାମ ହୋଇଥାଏ। ଖାସ୍ କରି ନାଇଟ୍ ପାର୍ଟିରେ ଏହାକୁ ପିନ୍ଧିଲେ ରଙ୍ଗିନ୍ ଆଲୋକରେ ଏହା ଖୁବ୍ ଗର୍ଜିୟସ୍ ଲାଗିଥାଏ। ତା'ଛଡ଼ା ଏହି ଲେହେଙ୍ଗାରେ ଷ୍ଟୋନ କାମ ହୋଇଥିବାରୁ ଏହା ସହିତ ଷ୍ଟୋନ ଜୁଏଲେରୀ ପିନ୍ଧିଲେ ହିଁ ଭଲ ମାନେ।

**ରୟାଲ୍ ବ୍ଲୁ ଏମ୍ବ୍ରୋଡୋରୀ ରଫଲ୍ ଲେହେଙ୍ଗା:** ରୟାଲ୍ ବ୍ଲୁ କୁ ସାଧାରଣତଃ ରିଚ୍ କଲର୍ କୁହାଯାଇଥାଏ। ଏତେ ସୁନ୍ଦର ରଙ୍ଗ ସାଙ୍ଗକୁ ରଫଲ୍‌ର ଡିଜାଇନ୍ ଏହି ଲେହେଙ୍ଗାର ଆକର୍ଷଣକୁ ଆହୁରି ବଢ଼ାଇଦିଏ। ଯଦ୍ୱାରା ଏହାକୁ ପିନ୍ଧିଲେ ପାର୍ଟି, ଫଙ୍କସନ୍‌ରେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଖାସ୍ କଥା ହେଉଛି ଏହି ଲେହେଙ୍ଗା ସହ ମ୍ୟାଚିଂ କଲର୍‌ର ରଫଲ୍ ଇୟର ରିଂ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ପାଇହୁଏ।

**ନେଟ୍ ରଫଲ୍ ଲେହେଙ୍ଗା:** ନେଟ୍ କପଡାରେ ପ୍ରସ୍ତୁତ ହୋଇଥିବା ଲେହେଙ୍ଗାରେ ରଫଲ୍ ଡିଜାଇନ୍ ହେଲେ ତାହା ଥାକ ଥାକ ହୋଇ ରହିଥାଏ। ତା'ଛଡ଼ା ଏହି ଲେହେଙ୍ଗା ଯଦି କନ୍‌ଟ୍ରାଷ୍ଟ କଲର୍‌ର ହୋଇଥିବ, ତା'ହେଲେ ତ ଏହା ଆହୁରି ଆକର୍ଷଣୀୟ ଦେଖାଯାଇଥାଏ। ଏହି ଲେହେଙ୍ଗା ସହ ମ୍ୟାଚିଂ ଜୁଏଲେରୀ ପିନ୍ଧିଲେ ବେଶ୍ ଭଲ ମାନିଥାଏ।














# ବହୁମୁଖୀ ବ୍ୟକ୍ତିତ୍ୱ


ସିମସ୍ ଜଷ୍ଟିନ୍

ବିଶ୍ୱରେ ଏମିତି ଅନେକ ପୂଜ୍ୟ ପ୍ରତିଭା ଅଛନ୍ତି ଯେଉଁମାନେ କେବଳ ଗୋଟିଏ କଥାରେ ନିଜକୁ ସୀମିତ କରି ରଖିନାହାନ୍ତି। ସେମାନେ କେତେବେଳେ ଆକାଶର ଇଗଲ ଭଳି ଉଡ଼ିଛନ୍ତି ତ ଆଉ କେତେବେଳେ ଲଟେଇରୁ ଛିଣ୍ଡି ଯାଇଥିବା ଗୁଡ଼ି ଭଳି ଆକାଶରେ ଉଡ଼ିଛନ୍ତି। ଗପ, କବିତା, ପ୍ରବନ୍ଧ, ଉପନ୍ୟାସ, ଗୀତ, ନାଟକ ସବୁ ଦିଗରେ କାମ କରି ନିଜକୁ ବହୁମୁଖୀ ବ୍ୟକ୍ତିତ୍ୱରେ ପରିଣତ କରିଛନ୍ତି। ଆଉ ବିଶ୍ୱର ସାରସ୍ୱତ ଇତିହାସ ସେମାନଙ୍କ ବହୁମୁଖୀ ପ୍ରତିଭାକୁ ନେଇ ସମୃଦ୍ଧ ହୋଇଛି।

**ଆଲେକ୍‌ଜାଣ୍ଡର ଇସାୟେଭିକ୍ :** ରୁଷ୍ ସାହିତ୍ୟର ଜଣେ ଆଦ୍ୟ ସ୍ମରଣୀୟ ଆଲେକ୍‌ଜାଣ୍ଡର ଇସାୟେଭିକ୍ ଏକାଧାରରେ ଥିଲେ ଜଣେ ଔପନ୍ୟାସିକ, ଗାଳ୍ପିକ, ଐତିହାସିକ ତଥା କ୍ରିଟିକ୍। ତା' ସହିତ ସେ ଥିଲେ ତାଙ୍କ ସମୟର ଜଣେ ପ୍ରସିଦ୍ଧ ରାଜନୈତିକ ବ୍ୟାଖ୍ୟାକାର। ତାଙ୍କର ରାଜନୈତିକ କଟାକ୍ଷ ଏତେ ତୀବ୍ର ଆଉ ଶାଣିତ ଥିଲା ଯେ ତାଙ୍କୁ ମ୍ୟୁନିଷ୍ଟ କ୍ରିଟିକ୍ ବୋଲି କୁହାଯାଉଥିଲା। ଆଉ ସେହି କାରଣ ଯୋଗୁ ସେ ଅନେକ ସମୟରେ ରାଜନୈତିକ ରୋଷର ଶିକାର ହୋଇଥିଲେ। ସୋଭିଏଟ ୟୁନିୟନ୍‌ର ଫୋର୍ସଡ ଲେବର ସିଷ୍ଟମ୍ (ବାଧ୍ୟ-ଶ୍ରମିକ ବ୍ୟବସ୍ଥା)ର ସେ ଥିଲେ ଘୋର ବିରୋଧୀ। ସେ ହିଁ ବିଶ୍ୱବ୍ୟାପୀ ଏ ଦିଗରେ ସଚେତନତା ସୃଷ୍ଟି କରିଥିଲେ। ସେ ଏହିସବୁ ଘଟଣାକୁ ନେଇ ସାହିତ୍ୟ ସୃଷ୍ଟି କରୁଥିଲେ। ତାଙ୍କର ବହୁ ପୁସ୍ତକ ଉପରେ ସରକାରୀ କଟକଣା ଲଗାଯାଇଥିଲା। ୧୯୭୦ରେ ସେ ପାଇଥିଲେ ସାହିତ୍ୟର ସର୍ବୋଚ୍ଚ ପୁରସ୍କାର ନୋବେଲ।


ରବୀନ୍ଦ୍ରନାଥ ଟାଗୋର



ଆଲେକ୍‌ଜାଣ୍ଡର ଇସାୟେଭିକ୍

**ରବୀନ୍ଦ୍ରନାଥ ଟାଗୋର :** ବିଶ୍ୱର ଯେଉଁ କେତେଜଣ ବ୍ୟକ୍ତିତ୍ୱଙ୍କ ନିମନ୍ତେ କୌଣସି ପରିଚୟର ଆବଶ୍ୟକତା ପଡ଼େନାହିଁ ସେମାନଙ୍କ ମଧ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅନ୍ୟତମ। କେବଳ ଭାରତରେ ନୁହନ୍ତି; ସମଗ୍ର ବିଶ୍ୱ ତାଙ୍କୁ ଶ୍ରଦ୍ଧା, ସମ୍ମାନ ଓ ଭକ୍ତି ଜ୍ଞାପନ କରେ। ଗପ, ଉପନ୍ୟାସ, ସଙ୍ଗୀତ, ଚିତ୍ରକଳା, ନାଟକ, ଆଧ୍ୟାତ୍ମିକତା – ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠି କବିଗୁରୁ ଟାଗୋର ତାଙ୍କର ପଡିଆରା ବିସ୍ତାର କରିନାହାନ୍ତି। ସେ ଅତ୍ୟାଧୁନିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ଏକ ସେତୁ ନିର୍ମାଣ କରିଥିଲେ ବୋଲି କହିଲେ ଆଦୌ ଭୁଲ ହେବନାହିଁ। ବିଶ୍ୱର ବହୁ ସାରସ୍ୱତ ତଥା ଆଧ୍ୟାତ୍ମିକ ମନୀଷୀମାନେ ତାଙ୍କୁ ଜଣେ 'ଦିବ୍ୟଦ୍ରଷ୍ଟା' ଭାବରେ ବିବେଚନା କରିଥାନ୍ତି। ସେ ହେଉଛନ୍ତି ଏମିତି ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ ଯିଏ ଦୁଇଗୋଟି ରାଷ୍ଟ୍ରର ଜାତୀୟ ସଙ୍ଗୀତ ରଚନା କରିଛନ୍ତି। ଭାରତ ପାଇଁ 'ଜନ-ଗଣ-ମନ ଅଧିନାୟକ ଜୟ ହେ' ରଚନା କରିଥିବା ବେଳେ ବାଂଲାଦେଶ ପାଇଁ 'ଆମାର ସୁନାର ବାଂଲା' ରଚନା କରିଥିଲେ। ଭାରତୀୟ ସାହିତ୍ୟର ନୋବେଲ ସମ୍ମାନରେ ସମ୍ମାନିତ ହେବାରେ ସେ ହେଉଛନ୍ତି ଏକମାତ୍ର ବ୍ୟକ୍ତିତ୍ୱ। ୧୯୧୩ ମସିହାରେ 'ଗୀତାଞ୍ଜଳି' ଜରିଆରେ ଭାରତକୁ ମିଳିଥିଲା ନୋବେଲ୍‌ର ସ୍ୱୀକୃତି।



ଇଭାନ୍ ବୁନିନ୍


**ଇଭାନ୍ ବୁନିନ୍ :** ବିଶ୍ୱର ଆଉଜଣେ ପ୍ରତିଭାସମ୍ପନ୍ନ ବହୁମୁଖୀ ବ୍ୟକ୍ତିତ୍ୱ ହେଉଛନ୍ତି ଇଭାନ୍ ବୁନିନ୍। ରୁଷ ସାହିତ୍ୟରେ ତାଙ୍କୁ ସର୍ବାଧିକ ସମ୍ମାନ ପ୍ରଦାନ କରାଯାଇଥାଏ। ରୁଷ ସାହିତ୍ୟକୁ ସେ ହିଁ ଦେଇଥିଲେ ନୋବେଲ ପୁରସ୍କାରର ସ୍ୱାଦ। ରୁଷର ପ୍ରଥମ ସାହିତ୍ୟିକ ଭାବରେ ତାଙ୍କୁ ବିଶ୍ୱର ଏହି ସର୍ବୋଚ୍ଚ ସ୍ୱୀକୃତି ମିଳିଥିଲା। କେବଳ ଗଦ୍ୟ କି କେବଳ ପଦ୍ୟ ନୁହେଁ; ଉଭୟ ଗଦ୍ୟ ତଥା ପଦ୍ୟ ସାହିତ୍ୟ ସୃଷ୍ଟି କରି ସେ ନିଜ ବହୁମୁଖୀ ପ୍ରତିଭାର ପରିଚୟ ଦେଇଥିଲେ। ସେତିକି ନୁହେଁ, ରୁଷ ସାହିତ୍ୟକୁ ସେ ପ୍ରାଚୀନ ଭାବଧାରାରୁ ବାହାରକୁ ଆଣି ଆଧୁନିକତା ସହିତ ସାମିଲ କରାଇଥିଲେ। ତାଙ୍କର ସର୍ବକାଳୀନ ଶ୍ରେଷ୍ଠକୃତୀ ଭାବରେ ରହିଛି– 'ଦି ଭିଲେଜ, ଡ୍ରାଏ ଭ୍ୟାଲି, ଦି ଲାଇଫ୍ ଅଫ୍ ଆର୍ସେନିଭ୍, ଡାର୍କ ଆଭେନ୍ୟୁଜ୍ ଇତ୍ୟାଦି। ସେ କେବଳ ଜଣେ ସାହିତ୍ୟିକ ନ ଥିଲେ, ସେ ମଧ୍ୟ ଥିଲେ ରାଜନେତା। ତେବେ ସେ ଥିଲେ ଜଣେ ପ୍ରଚଣ୍ଡ କମ୍ୟୁନିଷ୍ଟ ବିରୋଧୀ ରାଜନୈତିକ ବ୍ୟକ୍ତିତ୍ୱ।


**ଜୋସ୍ ସାରାମାଗୋ :** ସେ ଜଣେ ବ୍ୟକ୍ତି ନ ଥିଲେ; ଥିଲେ ଜଣେ ଅନୁଷ୍ଠାନ। ଔପନ୍ୟାସିକ, କବି, ନାଟ୍ୟକାର ଭାବରେ ସେ ସବୁଠି ପରିଚିତ ଥିଲେ। ଏହାବ୍ୟତୀତ ଜଣେ ସଫଳ ଗଣମାଧ୍ୟମ ପ୍ରତିନିଧି ଭାବରେ ସେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ। ପର୍ତ୍ତୁଗାଲ ତାଙ୍କୁ ନେଇ ଗର୍ବ କରେ। ୧୯୯୮ରେ ଏହି ବହୁମୁଖୀ ବ୍ୟକ୍ତିତ୍ୱଙ୍କୁ ମିଳିଥିଲା ବିଶ୍ୱ ସ୍ୱୀକୃତି ଅର୍ଥାତ୍ ନୋବେଲ ପୁରସ୍କାର। ସେ ଜଣେ ଅସାଧାରଣ ପ୍ରତିଭାଧର ମଣିଷ ଥିଲେ। ସେ ହେଉଛନ୍ତି ବିଶ୍ୱର ସବୁଠାରୁ ଅଧିକ ପଠିତ ଲେଖକ। ସର୍ବୋପରି ଜୋସ୍ ସାରାମାଗୋ ଥିଲେ ଜଣେ ମାନବୀୟ ସମ୍ବେଦନଶୀଳ ଭାଷ୍ୟକାର। ଉପନ୍ୟାସ, ଗପ, କବିତା, ନାଟକ, ସାମ୍ବାଦିକତା, ରାଜନୀତି ସବୁଠି ସେ ମାନବବାଦର ଜୟଗାନ କରିଥିଲେ।





**ସିମସ୍ ଜଷ୍ଟିନ୍ :** ଇଟ୍ସଙ୍କ ବ୍ୟତୀତ ବିଶ୍ୱ ଆଉ ଯେଉଁ ବ୍ୟକ୍ତିତ୍ୱଙ୍କୁ ଜଣେ ପ୍ରଭାବଶାଳୀ କବି ଭାବରେ ସର୍ବାଧିକ ସମ୍ମାନ ପ୍ରଦାନ କରିଥାଏ ସେ ହେଉଛନ୍ତି ସିମସ୍ ଜଷ୍ଟିନ୍। ତେବେ କେବଳ ଜଣେ କବି ଭାବରେ ସେ ନିଜକୁ ସୀମିତ କରି ରଖି ନ ଥିଲେ। ଆୟର୍ଲାଣ୍ଡର ଏହି ମହାନ୍ ବ୍ୟକ୍ତିତ୍ୱ ଜଣକ ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଅନୁବାଦକ, ଅଧ୍ୟାପକ ତଥା ରାଜନୈତିକ ସମୀକ୍ଷକ। ବେଲଫାଷ୍ଟ ୟୁନିଭର୍ସିଟିରେ ଅଧ୍ୟାପନା କରିବା ପରେ ତାଙ୍କର ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ସେ କବିତା ଲେଖୁଥିଲେ। ମାତ୍ର ପରେ ଏଭଳି ଭାବରେ ସେ କଲମ ଚାଳନା କଲେ ଯେ ତାହା ସାହିତ୍ୟର ସମସ୍ତ ବିଭବକୁ ସମୃଦ୍ଧ କରିଥିଲା। ୧୯୯୫ରେ ସେ ନୋବେଲ ମଣ୍ଡିତ ହୋଇଥିଲେ।





ଜୋସ୍ ସାରାମାଗୋ








# ଲିପ୍‌ଷ୍ଟିକ୍

**-ଶ୍ରୀଗୋବିନ୍ଦ**

ଲିପ୍‌ଷ୍ଟିକ୍‌କୁ ନେଇ ମୋର ଅନେକଦିନରୁ ଗୋଟେ ଦୁର୍ବଳତା ରହିଛି। ସରୁ ଓଠକୁ ପତଳା ଲିପ୍‌ଷ୍ଟିକ୍ ଚଳିବ କିନ୍ତୁ ମୋଟା ଲିପ୍‌ଷ୍ଟିକ୍ ଲଗାଉଥିବା ଝିଅ କି ମହିଳାଙ୍କୁ ଦେଖିଲେ ମୋତେ କାହିଁକି କେଜାଣି ଟିକେ ଅଡୁଆ ଲାଗେ। ମୋ ସ୍ତ୍ରୀ ଏମିତି ଗାଢ଼ ଲିପ୍‌ଷ୍ଟିକ୍ ଲଗାଇ ଅଫିସ ଗଲାବେଳେ କେବେ କେମିତି ପଚାରିଛି ତ, ସେ ସହଜ ଢଙ୍ଗରେ ଏସବୁକୁ ନେଇନି, ବରଂ ଚିଡ଼ିଯାଇଛି। ସେହିଦିନରୁ ମୁଁ ଲିପଷ୍ଟିକ୍ ବାବଦରେ କାହାକୁ ପଚାରିବାକୁ ଉଚିତ ମଣିନି। ଠିକ୍ ମୋ ସ୍ତ୍ରୀ ପରି ଆମ ଅଫିସରେ କାମ କରୁଥିବା ମୋ ସହକର୍ମୀ ନୀଳିମା ମାଡ଼ାମ। ମୋ' ଠାରୁ ବର୍ଷେ କି ଦି' ବର୍ଷ ସାନ, ବିବାହିତା ବି। ହେଲେ ସେ ମଧ୍ୟ ଏହି ମୋଟା ଲିପଷ୍ଟିକ୍ ମାୟାରୁ ବର୍ତ୍ତିପାରିନାହାନ୍ତି ।

ବାତ୍ୟା ଫନୀର ସମ୍ଭାବ୍ୟ ପରିସ୍ଥିତିକୁ ଆଖି ସାମନାରେ ରଖି ଅଧିକାଂଶ ଷ୍ଟାଫ ସେଦିନ ପ୍ରାୟ ଆସି ନ ଥିଲେ। ଅଫିସରେ ମୁଁ ଓ ନୀଳିମା ମାଡ଼ାମ। ପବନର ଗତି ବଢୁଥିବାରୁ ଆଉ କେହି ଆସିବାର ବି ଚାନ୍ସ ନ ଥିଲା। ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ଥିଲା । କାମ କିଛି ବି ହେଉ ନ ଥିଲା ଅଫିସରେ। ଲାଇଟ ନ ଥିବାରୁ କ୍ରମଶଃ ଅନ୍ଧାର ମାଡ଼ିଆସିଲା ପରି ଲାଗୁଥିଲା। ତାହିଁଲେ ବି ଘରକୁ ଫେରିବାର କିଛି ସୁବିଧା ନ ଥିଲା। ସେ ଓ ମୁଁ କଥା ପ୍ରସଙ୍ଗରେ ଅନେକ କଥା ମଧ୍ୟ ହୋଇସାରିଥିଲୁ। ସେଦିନ ସେ ଭାରି ରୋମାଣ୍ଟିକ ଜଣାପଡୁଥିଲେ। କାମ ନ ଥିବାରୁ ଗପିବାର ସୁଯୋଗକୁ ମଧ୍ୟ କେହି ହାତଛଡ଼ା କରୁ ନଥିଲୁ। ଗପିବାବେଳେ ଆଖିରେ ଆଖି ମିଶିଗଲେ ମୁଁ ମୁହଁ ବୁଲାଇ ନେଉଥିଲି ଅନ୍ୟଆଡ଼େ। ସେ ପୁଣି ଅନ୍ୟମନସ୍କ ହୋଇପଡୁଥିଲେ। ଅନେକ କଥାବାର୍ତ୍ତା ଭିତରେ ମୋର ଟିକେ ତାଙ୍କ ସହ ଭଲଭାବରେ ମିଶିବାର ସାହସ ଆସିଯାଇଥିଲା। ଏଇ ମୌକାରେ ମୋଟା ଲିପଷ୍ଟିକ୍ ବୋଲିବା କଥା ତାଙ୍କୁ ପଚାରିଦେଇଥିଲି।

ତା'ପରେ ସେ କିଛି ସମୟ ନୀରବ ରହି ଚାରିଆଡ଼କୁ ଚାହିଁଲେ। ମୋର ସେତେବେଳକୁ ପିଳେହି ପାଣି, କାଳେ ସେ ଖରାପ ଭାବିଥିବେ ଭାବି ମୁଁ ଭିତରେ ସଂକୁଚିତ ହୋଇଯାଇଥିଲି। ସେ ମୁଭିଂ ଚେୟାରକୁ ମୋ ପାଖକୁ ଟାଣି ଆଣି ଚଟ୍‌କିନା ମୋ ଗାଲରେ ଚୁମାଟିଏ ଦେଇ ଘୁଞ୍ଚିଗଲେ। ତାଙ୍କର ଏଭଳି ଅପ୍ରତ୍ୟାଶିତ ପରିବର୍ତ୍ତନକୁ ଗ୍ରହଣ କରିପାରୁ ନ ଥିଲି। ସହଜହେବା ଢଙ୍ଗରେ ସେ କହିଲେ, ଦାସବାବୁ, ଆପଣଙ୍କ ପ୍ରତି ମୋର ଭଲପାଇବାର ଦୁର୍ବଳତା ଅନେକଦିନ ଆଗରୁ ଥିଲା। କିନ୍ତୁ କହିପାରୁ ନ ଥିଲି। ଫନୀ ଏ ସୁଯୋଗ ଦେଲା ଆଜି। ନୀଳିମା ମାଡ଼ାମଙ୍କ ଓଠକୁ ଚାହିଁଲା ବେଳକୁ ଲିପଷ୍ଟିକ୍ ପତଳା ହୋଇଯାଇଥିଲା, ଯାହା ମୋତେ ପସନ୍ଦ ଲାଗେ।

ସଂଧ୍ୟାରେ ଘରକୁ ଫେରିବା ପରେ ଜଷ୍ଟ ପାଞ୍ଚ ମିନିଟ୍ ପରେ ମୋ ସ୍ତ୍ରୀ ଆସି ପହଞ୍ଚିଥିଲା। ବାତ୍ୟା ପାଇଁ ରାସ୍ତାରେ ଗଛ ଭାଙ୍ଗିପଡ଼ିଥିବା କାରଣରୁ ଅଫିସ ବସ୍ ଆସି ପାରି ନ ଥିଲା। ମୋ ସ୍ତ୍ରୀର ଜଣେ ସହକର୍ମୀ ବାଇକରେ ଆଣି ଘରପାଖରେ ଛାଡ଼ି ଚାଲିଯାଇଥିଲେ । କାହିଁକି କେଜାଣି ମୋ ସ୍ତ୍ରୀର ଓଠକୁ ଚାହିଁଲା ବେଳକୁ ତା' ଓଠରେ ବି ଲିପଷ୍ଟିକ୍ ନ ଥିଲା।

*-ସାନମଛୁଆଘାଇ, ରାଜଘର ପୋଖରୀ, ଭଦ୍ରକ ।*

# ସ୍ମୃତି ଫେରେ ମୋତି ହେଇ

ସକାଳ ହେବାକ୍ଷଣି
ରାତି କେଣେ ହଜିଯାଏ
ହଜେଇ ଦେଇଥିବା ଅନ୍ଧାରକୁ
ଖୋଜିଖୋଜି ନୟାନ୍ତ ହୁଏ ସିନା
ଫେରେନାହିଁ ରାତି ମାତ୍ର,
ଫେରି ଆସନ୍ତି ସ୍ମୃତିମାନେ
ଉଜ୍ଜ୍ୱଳ ମୋତିର ତୋଫା କାନ୍ତି ନେଇ
ଦେଖିଲେ ସେସବୁକୁ
ସହଜରେ ମାନି ହୁଏନାହିଁ
ଅନ୍ଧାର ଭିତରେ ଏତେ
ଚମକ ଥିଲାବୋଲି।

**-ବିନୟ ଭୂଷଣ ପାଣିଗ୍ରାହୀ(ମିଟୁ)**
*ହରସିଂପୁର,ପିରହାଟ,ଭଦ୍ରକ*

# କ୍ଷତାକ୍ତ

ଅଭିମାନର ଅଦୃଶ୍ୟ ନିଆଁରେ
କୁହୁଳେ ଆଜି ଏ ହୃଦୟ,
ପାଉଁଶ ସ୍ମୃତିରୁ ସାଉଁଟି ଯାଏ
ମମତାର ସେଇ ବଳୟ।

ଟୋପାଏ ଲୁହରେ ଅଭିଯୋଗ କେତେ
ସମ୍ପର୍କରୁ ଉଠେ ବିଶ୍ୱାସ,
ଭ୍ରମ ମନେହୁଏ ବ୍ରହ୍ମାଣ୍ଡ ଟା ସତେ
ଘୃଣ୍ୟ ଲାଗେ ସବୁ ନିଃଶ୍ୱାସ।

ସଯତ୍ନେ ସାଇତା ଗଭୀର ସ୍ନେହରେ
ଭୁଲ୍ ବୁଝାମଣା ଛିଟା,
ମୀମାଂସା ବିହୀନ କ୍ଳେଶ ଆଣିଦିଏ
ଜନ୍ମଦିଏ କ୍ରୋଧ କଣ୍ଟା।

ସେ କଣ୍ଟକ ଅବା ବ୍ରହ୍ମାସ୍ତ୍ର ସତେ
ଭେଦିଯାଏ ପୂର୍ଣ୍ଣ ଶରୀର,
କଷ୍ଟ ଜର୍ଜରିତ ଚିତ୍ତ ସହ ଖାଲି
କ୍ଷତାକ୍ତ କରେ ଚିତ୍କାର।

***-ଦୀପାଞ୍ଜଳି ଧୂପାଳ***
+୩ ତୃତୀୟ ବର୍ଷ, ବିଜ୍ଞାନ
ଫକୀରମୋହନ ସ୍ୱୟଂଶାସିତ
ମହାବିଦ୍ୟାଳୟ,
ବାଲେଶ୍ୱର

# କାର୍ଟୁନପ୍ରିୟ କରନ୍



ସନି ଦେଓଲଙ୍କ ପୁଅ କରନ୍। ହୋମ ବ୍ୟାନରରେ ନିର୍ମିତ ଏବଂ ସନିଙ୍କ ନିର୍ଦ୍ଦେଶିତ ତଥା ନିକଟରେ ରିଲିଜ ହୋଇଥିବା ଟିନ୍-ଏଜ୍ ଲଭ ଷ୍ଟୋରିଭିତ୍ତିକ ସିନେମା 'ପଲ୍ ପଲ୍ ଦିଲ୍ କେ ପାସ୍'ରେ ତାଙ୍କୁ ବ୍ରେକ୍ ମିଳିଛି। ଅର୍ଥାତ୍ ଏହି ଫିଲ୍ମରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଏ ନେଇ କରନ୍ କହନ୍ତି, 'ଏସବୁ ସମ୍ଭବ ହୋଇଛି ପାପା (ସନି)ଙ୍କ ପାଇଁ। କାରଣ ଫିଲ୍ମଟି ଆରମ୍ଭ ହେବା ପୂର୍ବରୁ ସେ ମୋ ପଛରେ ଛାଇ ଭଳି ରହିଥିଲେ। ଅସଲ କଥା ହେଲା ପାପା ମୋତେ ଆଖି ଆଗରେ ରଖି ଆଉ ଏକ ସିନେମା ନିର୍ମାଣ କରିବେ ବୋଲି ପ୍ରାକ୍ ସୂଚନା ଦେଇସାରିଲେଣି।' ତେବେ କରନ୍ଙ୍କୁ ଅବସର ମିଳିଲେ ସେ କ'ଣ କରନ୍ତି ଜାଣନ୍ତି ? ଟିଭି ସାମନାରେ ବସି କାର୍ଟୁନ ଦେଖନ୍ତି। ଖାସ୍ କଥା ହେଲା, ଆକ୍ଟିଂ ବ୍ୟତୀତ ନିର୍ଦ୍ଦେଶକ ସିଟ୍‌ରେ ବସିବାକୁ ମନ ବଳାଇଛନ୍ତି ସେ। ଖୁବ୍ ଶୀଘ୍ର ଏକ କାର୍ଟୁନ ଫିଲ୍ମଟିଏ ନିର୍ଦ୍ଦେଶନା ଦେବାକୁ ଯୋଜନା କରୁଛନ୍ତି ବୋଲି କହିଛନ୍ତି । ତେବେ ଗୋଟିଏ ପଟରେ ଅଭିନୟ ଏବଂ ଅନ୍ୟପଟରେ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱକୁ ସେ କିପରି ସୂଚାରୁ ରୂପେ ସମ୍ପାଦନ କରୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# କେତେବେଳେ ହଁ କେତେବେଳେ ନା

ହୁମା କେତେବେଳେ କ'ଣ କହୁଛନ୍ତି ତାହା ଜାଣିପାରୁନାହାନ୍ତି। 'ପତି ପତ୍ନୀ ଔର ୱ'ର ନିର୍ଦ୍ଦେଶକ ମୁଦ୍ଦାସର ଅଜିଜଙ୍କ ସହ ତାଙ୍କର କୁଆଡେ ଏବେ ଫୁଲ୍ ରୋମାନ୍ସ ଚାଲିଛି। ଅବଶ୍ୟ କିଛି ଦିନ ପୂର୍ବରୁ ଏହାକୁ ପରୋକ୍ଷରେ ସ୍ୱୀକାର କରିଥିଲେ ହୁମା କ୍ୟୁରେସୀ। ହେଲେ ଏବେ ଏ ନେଇ କେହି ପଚାରିଲେ ସେପରି କଥା ପଛରେ ଆଦୌ ସତ୍ୟତା ନାହିଁ ବୋଲି କହି ବୁଲୁଛନ୍ତି। ଏପରି ବିଷୟକୁ ନେଇ ସଫେଇ ଦେଇ ସେ କହନ୍ତି, 'ମୋ ନାମରେ କେହି ଅପପ୍ରଚାର କରୁଛି। ମୁଦ୍ଦାସର ମୋର ଜଣେ ଭଲ ବନ୍ଧୁ। ତାଙ୍କ ନାମ ସହ ମୋ ନାମକୁ ଅଯଥାରେ ଯୋଡା ଯାଉଛି। ମୁଁ ବର୍ତ୍ତମାନ ମୋ ଆକ୍ଟିଂ ପ୍ରତି ଧ୍ୟାନ ଦେଉଛି। ଅନ୍ୟ କଥାରେ ମୁଣ୍ଡ ଖେଳାଇବାକୁ ମୋ ପାଖରେ ସମୟ ନାହିଁ।' ଶୁଣିବାକୁ ମିଳୁଛି ଯେ ମୁଦ୍ଦାସର ତାଙ୍କର ଆଗାମୀ ଫିଲ୍ମରେ ହୁମାଙ୍କୁ ନେବାକୁ ଯୋଜନା କରୁଛନ୍ତି।




# ତାପସୀ ଯାହା ଚାହୁଁଥିଲେ..

ତାପସୀ ପାନ୍ନୁ ଯାହା ଚାହୁଁଥିଲେ ତାହା ଯେ ତାଙ୍କୁ ଏତେ ଶୀଘ୍ର ମିଳିଯିବ ତାହା ସେ ବିଶ୍ୱାସ କରିପାରୁନାହାନ୍ତି। କଥା କ'ଣ ତାଙ୍କ ଅଭିନୀତ 'ସାଣ୍ଡ କି ଆଖଁ'ରେ ତାଙ୍କ ଭୂମିକାକୁ ଦର୍ଶକ ପ୍ରଶଂସା କରିଛନ୍ତି। ଫିଲ୍ମଟି ରିଲିଜ ହେବା ପୂର୍ବରୁ ଏହାର ଏକ ପ୍ରମୋ କାର୍ଯ୍ୟକ୍ରମରେ ତାପସୀ ନିଜ ମନ କଥା କହିବାକୁ ପଛାଇ ନ ଥିଲେ। ଏହି ସମୟରେ ସେ କହିଥିଲେ, 'ଏପରି ଏକ ଡେୟାର ଡେଭିଲ ଭୂମିକାରେ ଅଭିନୟ କରିବାକୁ ମୋର ଇଚ୍ଛା ଥିଲା। ଯେତେବେଳେ ଏହି ଫିଲ୍ମର ପ୍ରଯୋଜକ ଅନୁରାଗ କଶ୍ୟପ ମୋତେ ମୋ ଭୂମିକା ବିଷୟରେ କହିଲେ ସେତେବେଳେ ମୁଁ ଖୁସିରେ ଉଛୁଳି ଉଠିଥିଲି। ଏଥିରେ ମୁଁ ଜଣେ ସାର୍ପ ସୁଟର ଭୂମିକାରେ ଅଭିନୟ କରିଛି ଏବଂ ତାହାକୁ ଦର୍ଶକ ଗ୍ରହଣ କରିଛନ୍ତି। ସେମାନଙ୍କୁ ଧନ୍ୟବାଦ ଦେବାକୁ ମୋ ନିକଟରେ ଭାଷା ନାହିଁ। ବିଶ୍ୱ ପ୍ରସିଦ୍ଧ ତଥା ପରିଣତ ବୟସରେ ସାର୍ପ ଶୁଟିଂରେ ଖ୍ୟାତି ଅର୍ଜନ କରିଥିବା ଚନ୍ଦ୍ରୁ ଏବଂ ପ୍ରକାଶି ତମାରଙ୍କ ଜୀବନୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଚନ୍ଦ୍ରୁ ଭୂମିକାରେ ତାପସୀ ଏବଂ ପ୍ରକାଶୀ ଭୂମିକାରେ ଭୂମି ପେଡ୍‌ନେକର ଅଭିନୟ କରିଛନ୍ତି। ଏହି ଯୋଡି ୬୫ ବର୍ଷ ବୟସରେ ୩୦ଟି ଜାତୀୟ ପୁରସ୍କାର ହାସଲ କରି ଆଲୋଚନାର ପରିସରକୁ ଆସିଥିଲେ। ଯେହେତୁ ଏହି ମହିଳାଦ୍ୱୟଙ୍କୁ ନେଇ ଫିଲ୍ମଟି ପ୍ରସ୍ତୁତ ହୋଇଛି ତେଣୁ ଏହାକୁ ତାପସୀ ନିଜ ମା'ଙ୍କୁ ସମର୍ପିତ କରିଛନ୍ତି।

# ଚାଲିଛି ନାୟିକା ଖୋଜା

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି, ଗୋଟିଏ ସିନେମା ରିଲିଜ ହେବାର ଦିନ କେଇଟା ହୋଇନି ହାତରେ ଆଉ ଏକ ଅଫର। ହଁ , ସେ ହେଲେ ନବାଗତ ରାକେଶ ଦେଓ। ନିକଟରେ ତାଙ୍କ ଅଭିନୀତ 'ତୁ କହିଦେ ଆଇ ଲଭ୍ ୟୁ' ମୁକ୍ତିଲାଭ କରିଛି। ଏବେ ସେ 'ତୁ ମୋ କମଜୋରି' ଟାଇଟଲ ବିଶିଷ୍ଟ ଆଉ ଏକ ସିନେମାର ନାୟକ ସାଜିଛନ୍ତି। ହେଲେ ଏପରି ଏକ ଇମୋଶନାଲ ପ୍ରେମ କାହାଣୀରେ ତାଙ୍କ ସହ ନାୟିକା ଭାବରେ କିଏ ସ୍କ୍ରିନ୍ ସେୟାର କରୁଛି ତାହା ଫାଇନାଲ ହୋଇନାହିଁ। ଏଥିପାଇଁ ଜଣେ ଚୁଲବୁଲି ସୁନ୍ଦରୀ ସନ୍ଧାନରେ ଅଛନ୍ତି ପ୍ରଯୋଜକ ଭାର୍ଗବୀ ତ୍ରିପାଠୀ-ଟିକି ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ସନ୍ତୋଷ ବିଶ୍ୱାଳ। ସନ୍ତୋଷ ଏହି ଫିଲ୍ମର କାହାଣୀ ସହ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ପ୍ରେମ ଆନନ୍ଦଙ୍କ ସ୍ୱର ସଂଯୋଜନାରେ ବସନ୍ତରାଜ ସାମଲଙ୍କ ରଚିତ ଗୀତଗୁଡିକର ମ୍ୟୁଜିକ ରେକର୍ଡିଂ କାମ ଚାଲୁ ରହିଛି। ଶ୍ରଦ୍ଧା ସବୁରୀ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା ଏହି ଚଳଚ୍ଚିତ୍ରର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ରାକେଶ



# ଚୁଜି ହେବେ ଦିଶା

ଏଣିକି ଆଉ ତରତର ହୋଇ ସିନେମା ସାଇନ୍ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି ଦିଶା ପଟାନି। ଏଣୁତେଣୁ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବା ଅପେକ୍ଷା ଭଲ ସିନେମାରେ ଅଭିନୟ କଲେ ତାଙ୍କୁ ଆତ୍ମତୃପ୍ତି ମିଳିବ ବୋଲି କହି ବୁଲୁଛନ୍ତି। ନିକଟରେ ତାଙ୍କୁ ୩-୪ଟି ଅଫର ମିଳିଥିଲା। ହେଲେ କାହାଣୀ ପସନ୍ଦ ନ ହେବାକୁ ସେ ଏଗୁଡିକୁ ହାତଛଡା କରିଛନ୍ତି। ନିଜର ଏଭଳି ଯୋଜନା ସମ୍ପର୍କରେ ଦିଶା କହନ୍ତି, 'ଏଣିକି ମୋତେ ଚୁଜି ହେବାକୁ ପଡିବ। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ତାହାର କାହାଣୀ ଏବଂ ସେଥିରେ ମୋତେ ମିଳୁଥିବା ଭୂମିକାକୁ ତନ୍ନ ତନ୍ନ କରି ତର୍ଜମା କରିବି। ସେଥିପାଇଁ ନିକଟରେ ମୋତେ ମିଳିଥିବା କେତୋଟି ଅଫରକୁ ଗ୍ରହଣ କରିନାହିଁ। ଅଭିନୟକୁ ଆହୁରି କିପରି ଶାଣିତ କରାଯାଇପାରିବ ସେ ନେଇ ଚେଷ୍ଟା କରୁଛି। ସେଥିପାଇଁ ବିଗତ ଦିନର ହିଟ୍ ଫିଲ୍ମଗୁଡିକ ଦେଖୁଛି। ରାତାରାତି ଏଠି ମୁଁ ନାୟିକା ଦୌଡରେ ସାମିଲ ହେବାକୁ ଚାହେଁନା। କଥାରେ ଅଛି 'ଧୀର ପାଣି ପଥର କାଟେ। ତେଣୁ ମୋ ଆକ୍ଟିଂ କ୍ୟାରିୟରରେ ଦେଖି ଚାହିଁ ପାଦ ପକାଇବି।' ତେବେ ଦିଶା ନିଜର ଏହି ଚୁଜି ମିଶନ୍‌ରେ କେତେ ସକସେସ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଅବୁଝା ସୋନାକ୍ଷୀ

ଯେତେ ବୁଝାଇଲେ ବି ସୋନାକ୍ଷୀ ବୁଝିବାକୁ ନାରାଜ। ତାଙ୍କ ମୁଣ୍ଡରେ ପଶିଯାଇଛି ଯେ ନାଗା ସାଧୁଙ୍କ ଉପରେ ଆଧାରକରି ନିର୍ମିତ ଚଳଚ୍ଚିତ୍ର 'ଲାଲ୍ କପ୍ତାନ'ରେ ତାଙ୍କ ଭୂମିକାର ସେତେ ଗୁରୁତ୍ୱ ନାହିଁ। ହେଲେ ଏଭଳି ଧାରଣା ସମ୍ପୂର୍ଣ୍ଣ ଅମୂଳକ ବୋଲି ସଫେଇ ଦେଇଛନ୍ତି ଏହାର ନିର୍ଦ୍ଦେଶକ ନବଦୀପ ସିଂ। ଏ ନେଇ ସେ କହନ୍ତି, 'ସୋନାକ୍ଷୀ ଯାହା ଭାବୁଛନ୍ତି ତାହା ସତ ନୁହେଁ। କାହାଣୀରେ ତାଙ୍କ ଭୂମିକାର ଗୁରୁତ୍ୱ କେତେ ସେ ଥଣ୍ଡା ମିଜାଜ୍‌ରେ ଚିନ୍ତା କଲେ ଜାଣିପାରିବେ। ବୋଧହୁଏ ଏ ନେଇ କେହି ତାଙ୍କୁ ଉସକେଇ ଦେଇଛି। ଫଳରେ ନିଜର ଧାରଣା ଠିକ୍ ବୋଲି ସେ କହି ବୁଲୁଛନ୍ତି।' ସେପଟେ ସୋନାକ୍ଷୀ କହନ୍ତି, 'ଏହି ଫିଲ୍ମରେ ପ୍ରଥମେ ମୋତେ ଯାହା କୁହାଯାଇଥିଲା ସେହି ଅନୁସାରେ ମୋ ଭୂମିକାରେ ସେମିତି କିଛି ଦେଖିବାକୁ ପାଇଲି ନାହିଁ। ମୋ ରୋଲ୍‌କୁ ଶୁଟିଂ ସମୟରେ କାଣ୍ଟଛାଣ୍ଟ କରାଯାଇଛି। ତେବେ ନିର୍ଦ୍ଦେଶକ ଏବଂ ସୋନାକ୍ଷୀଙ୍କ ଭିତରେ ଏ ନେଇ ଚାଲିଥିବା ଶୀତଳ ଯୁଦ୍ଧ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।

ପ୍ରଥମ ରୋଜଗାର

# ଦରମା ଟଙ୍କାରେ ମା'ବାପାଙ୍କ ପାଇଁ ଶାଢ଼ି ଓ ଧୋତି କିଣିଥିଲି



**ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସମାଲୋଚକ ଓ କବି ମନୋରଞ୍ଜନ ପ୍ରଧାନ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଯାଜପୁର ଜିଲ୍ଲା ସୁକିନ୍ଦା ଅନ୍ତର୍ଗତ ହରିପୁର ଗାଁରେ ମୋ ଜନ୍ମ। ସ୍ଥାନୀୟ ମହାଦେବ ଉଚ୍ଚ ବିଦ୍ୟାଳୟରୁ ୧୯୭୫ ମସିହାରେ ଏକାଦଶ ପାସ୍ କରିବା ପରେ କଟକ ଖ୍ରୀଷ୍ଟ କଲେଜରେ ଆଇଏ ଓ ଓଡ଼ିଆ ସମ୍ମାନ ରଖି ବିଏ ପଢ଼ିଥିଲି। ତା'ପରେ ପଶ୍ଚିମବଙ୍ଗ ଶାନ୍ତିନିକେତନସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆରେ ଏମ୍ଏ କଲି। ଏମ୍ଏ ପାସ୍ କରିବା ପରେ ମୁଁ 'କାହ୍ନୁଚରଣ ଓ ଶରତ ଚନ୍ଦ୍ରଙ୍କ ଉପନ୍ୟାସ: ଏକ ତାତ୍ତ୍ୱିକ ବିଚାର' ବିଷୟ ଉପରେ ପିଏଚ୍‌ଡି କରୁଥାଏ। ଠିକ୍ ସେହି ସମୟରେ ମୋତେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ ନିଯୁକ୍ତି ମିଳିଗଲା। ଏହା ହେଉଛି ୧୯୮୪ ମସିହାର କଥା। ସେତେବେଳେ ମୋର ଦରମା ଥିଲା ୧୫୧୨ ଟଙ୍କା। ପ୍ରଥମ ମାସ ଦରମାରେ ମା' ପାଇଁ ଶାଢ଼ି, ବାପାଙ୍କ ପାଇଁ ଧୋତି-ଶାର୍ଟ ଓ ମୋର ପୂଜ୍ୟ ସାର୍ ପଠାଣି ପଟ୍ଟନାୟକଙ୍କ ପାଇଁ ଶରତ ରଚନାବଳୀରୁ ଏକ ସେଟ୍ କିଣିଥିଲି। ସାଙ୍ଗମାନଙ୍କୁ ୫୦ ଟଙ୍କାର ମିଠା ଖାଇବାକୁ ବି ଦେଇଥିଲି। ଅନ୍ୟପକ୍ଷେ ବହି କିଣିବା ଓ ପଢ଼ିବାର ସଉକ ଥିବାରୁ ମୁଁ ମୋ ନିଜ ପାଇଁ ରବୀନ୍ଦ୍ରନାଥଙ୍କ ଗ୍ରନ୍ଥାବଳୀର ଦୁଇଟି ଭାଗ କିଣିଥିଲି। ତା'ସହିତ ୨ଟି ଦେହଲଗା ସାବୁନ, ଦୁଇଟି କଲମ ଓ ଦୁଇଟି ଧୂପ ପ୍ୟାକେଟ୍ କିଣିବା ପରେ ଖାଇବା ବାବଦ ମେସ୍‌ରେ ମଧ୍ୟ କିଛି ଟଙ୍କା ଦେଇଥିଲି। ଏତେସବୁ ଖର୍ଚ୍ଚ ପରେ ବି ମାସ ଶେଷକୁ ଆହୁରି ୪୦୦ ଟଙ୍କା ବଳିଥିଲା। ଛୁଟିରେ ଘରକୁ ଗଲାବେଳେ ସେହି ୪୦୦ ଟଙ୍କା ନେଇ ବାପାଙ୍କ ହାତରେ ଦେଇଥିଲି। ହେଲେ ବାପା ମନାକଲେ ଆଉ କହିଲେ-ତୋ ପାଖରେ ରହିବା ଯାହା ମୋ ପାଖରେ ରହିବା ସେୟା। କିନ୍ତୁ ମୁଁ କି ଛାଡ଼ିବା ପିଲା। ସେ ଟଙ୍କା ନେଇ ଗାଁ ପାଖ ସୁକିନ୍ଦାଗଡ଼କୁ ସାଇକେଲ୍‌ରେ ଯାଇ ବାପାଙ୍କ ପାଇଁ ହଳେ ହାୱାଇ ଚପଲ ଓ ଗୋଟେ ଛତା ୬୫ ଟଙ୍କା ଦେଇ କିଣି ଆଣିଥିଲି। ତାକୁ ଦେଖି ବାପା ସେଦିନ ବହୁତ ଖୁସି ହୋଇ କାନ୍ଦି ପକାଇଥିଲେ। ଯା' ଭିତରେ ଅନେକ ବର୍ଷ ଅତିବାହିତ। ଅଧ୍ୟାପକରୁ ପ୍ରମୋଶନ ପାଇ ପ୍ରାଧ୍ୟାପକ ଆଉ ତା'ପରେ ଓଡ଼ିଆ ବିଭାଗର ପ୍ରଫେସର୍ ଭାବେ ବିଶ୍ୱଭାରତୀରେ ନିଯୁକ୍ତି ପାଇସାରିଲିଣି। ଅଧୁନା ବିଶ୍ୱଭାରତୀରେ ମୁଁ ବରିଷ୍ଠ ପ୍ରଫେସର୍ ଭାବେ କାର୍ଯ୍ୟରତ। କିନ୍ତୁ ଏବେ ବି ସେହି ପୁରୁଣା କଥା ସବୁ ମନେପଡିଲେ ଆଖିରେ ଲୁହ ଆସିଯାଉଛି। ତେବେ ଅଧ୍ୟାପନା ବ୍ୟତୀତ ପ୍ରାୟ ୧୪ ବର୍ଷ ଛାତ୍ର ପରିଚାଳକ, ୧ ବର୍ଷ ମୁଖ୍ୟ ଲାଇବ୍ରେରିଆନ୍, ୩ ବର୍ଷ ଓଡ଼ିଆ ବିଭାଗର ମୁଖ୍ୟ, ୩ ବର୍ଷ ଓଡ଼ିଆ ଡିପାର୍ଟମେଣ୍ଟର ମେଜର୍ ପ୍ରୋଜେକ୍ଟ କୋଅର୍ଡିନେଟର୍ ତଥା ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ଭାବେ ୧୦ ବର୍ଷ ଓ ପରିଷଦର ସଭାପତି ଭାବେ ମଧ୍ୟ ୩ ବର୍ଷ ମୁଁ କାର୍ଯ୍ୟ କରିଛି। ତା'ଛଡ଼ା ଛାତ୍ରକଲ୍ୟାଣ ବିଭାଗରେ ବି ୩ ମାସ ଡାଇରେକ୍ଟର ଥିଲି। ଆଉ ଏବେ ବିଶ୍ୱବିଦ୍ୟାଳୟର ବିଭିନ୍ନ କମିଟିରେ ସଦସ୍ୟ ଭାବେ କାର୍ଯ୍ୟ କରୁଅଛି। ସେହିପରି ୟୁରୋପର ବିଭିନ୍ନ ଦେଶର ବିଶ୍ୱବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଦିରେ ନିଜର ମତାମତ ଦେଇ ଆସୁଛି। ଏହା ବ୍ୟତୀତ ନିୟମିତ ବିଭିନ୍ନ ଲେଖାଲେଖିରେ ବି ମୁଁ ରୁଚି ରଖିଛି। ବିଶେଷକରି ସମାଲୋଚନାଭିତ୍ତିକ ଲେଖା ଲେଖିବାକୁ ମୋତେ ଖୁବ୍ ଭଲ ଲାଗେ। ପ୍ରାୟ ୨୦ଟି ସମାଲୋଚନାଭିତ୍ତିକ ପୁସ୍ତକ ମୋର ପ୍ରକାଶିତ ହୋଇସାରିଲାଣି। ତା'ଛଡ଼ା ଅନେକ କବିତା ବି ମୋର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। ଲେଖାଲେଖି ପାଇଁ ମୋତେ ଅନେକ ଅନୁଷ୍ଠାନ ତରଫରୁ ପୁରସ୍କାର ଓ ସମ୍ମାନ ମଧ୍ୟ ମିଳିଛି। ତନ୍ମଧ୍ୟରୁ ଗୋଦାବରୀଶ ମିଶ୍ରଙ୍କ ଜୀବନୀ ପାଇଁ ମିଳିଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ହେଉଛି ଅନ୍ୟତମ। ସେହିପରି ବିଭିନ୍ନ ପୁରସ୍କାର କମିଟିର ଜଣେ ସଦସ୍ୟ ତଥା ବିଭିନ୍ନ ଉଚ୍ଚତର ପୁରସ୍କାର ସଂସ୍ଥାରେ ପ୍ରସ୍ତାବକ ଭାବେ ମଧ୍ୟ ମୋର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି।

# ଚୋରା ଚାହାଣିକୁ ଲାଜୁଆ ହସ ତହିଁରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**-ଜଣେ ଝିଅ ମୋତେ କଣେଇ କଣେଇ ଚାହୁଁଛି। ତା' ଲାଜୁଆ ହସରେ ମୁଁ ଫୁଲ୍ ଘାଇଲା। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*-ଅତନୁ ସାହୁ, ସୁନାବେଡ଼ା, କୋରାପୁଟ*

**ଉତ୍ତର :** ଶୁଭସ୍ୟ ଶୀଘ୍ରମ। ଯେତେବେଳେ ପ୍ରେମର ପହିଲି ସିଗନାଲ ଠିକ୍ ଅଛି ବୋଲି ଭାବୁଛନ୍ତି ଡେରି କଲେ ହୁଏତ ଚାନ୍ସ ହାତରୁ ଖସିଯାଇପାରେ। 'ଚୋରା ଚାହାଣିକୁ ଲାଜୁଆ ହସ, ତହିଁରୁ ଝରୁଛି ପ୍ରେମର ରସ'। ତେଣୁ ଡେରି ନ କରି ଧାଡ଼ି ଦେଖି ମାଡ଼ି ଯାଆନ୍ତୁ।

**ପ୍ରଶ୍ନ**-ପ୍ରେମ କରି କରି ମୁଁ ଥକି ପଡ଼ିଲିଣି। ଏବେ କ'ଣ କରିବି ଜାଣିପାରୁନି।

*-ସୁବୋଧ ପ୍ରଧାନ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଗେରୁଆ ବସ୍ତ୍ର ପିନ୍ଧି ତପସ୍ୟା କରନ୍ତୁ। ପ୍ରେମକୁ ନେଇ ଯେତେ ଟେନସନ ମନରେ ଅଛି ଦୂର ହୋଇଯିବ।

**ପ୍ରଶ୍ନ**-ଥରେ ଜଣେ ଝିଅକୁ ଏକୁଟିଆ ଦେଖି 'ଆଇ ଲଭ୍ ୟୁ' କହିଲି। ସେ ତାହା ଶୁଣି ହସି ଦେଲା। ଏବେ ଦେଖିଲେ ହସିଦେଉଛି, ହେଲେ କଥା ହେଉନି। କ'ଣ କରିବି ?

*-ତନ୍ମୟ ଦାସ, ପୁରୀ*

**ଉତ୍ତର :** ଆପଣଙ୍କ ପ୍ରେମ ବିଶ୍ୱାସ-ଅବିଶ୍ୱାସର ଦୋଛକିରେ ଛିଡ଼ା ହୋଇଛି। ଆପଣ ସିନା ସେ ଝିଅକୁ ମନ ପ୍ରାଣ ଦେଇ ଲଭ୍ କରୁଛନ୍ତି, ହେଲେ ତାହାର ବୋଧହୁଏ ଆପଣଙ୍କ ଉପରେ ହଣ୍ଡ୍ରେଡ ପର୍ସେଣ୍ଟ ଫେଥ୍ ଆସିନି। ବାସ୍, କେଁ କେଉଁଠି ରହିଛି ଖୋଜି ବାହାର କରନ୍ତୁ।

**ପ୍ରଶ୍ନ**-ଅନେକେ କହନ୍ତି ସୁନ୍ଦରୀ ଝିଅଙ୍କର ହୃଦୟ ନାହିଁ। ଏକଥା ସତ କି ?

*-ଦିବାକର ପୃଷ୍ଟି, ଯାଜପୁର*

**ଉତ୍ତର :** ସୁନ୍ଦରୀ ଝିଅଟିକୁ ପ୍ରେମ କରିବାକୁ ବୋଧେ ଆପଣଙ୍କ ମନ କୁତୁକୁତୁ ହେଉଛି। ଆପଣ ରୂପର ଲାବଣ୍ୟରେ ଭାସି ଯାଇ ତା' ମନ ଭିତରେ ବସା ବାନ୍ଧିବାକୁ ଚେଷ୍ଟା କରନ୍ତୁ। କାରଣ ପ୍ରେମ ରୂପରେ ନୁହେଁ, ମନରେ ଥାଏ। ତେଣୁ ସୁନ୍ଦରୀ ଝିଅଙ୍କର ହୃଦୟ ନାହିଁ ବୋଲି ପ୍ରଶ୍ନରେ ବାଉଳା ନ ହୋଇ ନିଜ ପ୍ରେମ ମିଶନରେ ଆଗେଇଲେ କିଛି ଲାଭ ମିଳିବ। ନ ହେଲେ ସେମିତି ଗୋଟିଏ ସ୍ଥାନରେ ଠିଆ ହୋଇ ଏପରି ପ୍ରଶ୍ନର ଉତ୍ତର ଖୋଜୁଥିବେ ଆଉ ଯିଏ ଯାହା ଉତ୍ତର ଦେଲା ତାକୁ ତର୍ଜମା କରୁ କରୁ ଗଡ ନିଲାମ ହୋଇଯାଇଥିବ।


**ପ୍ରଶ୍ନ**-ପ୍ରେମ ଦରିଆର ମଝିରେ ମୁଁ ଏକୁଟିଆ ଭାସି ବୁଲୁଛି। ଯାହା ହାତ ଧରି ଏତେ ବାଟ ଆସିଲି ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ସେ ଏମିତି କାହିଁକି କଲା ?

*-ରାକେଶ, ବୌଦ୍ଧ*

**ଉତ୍ତର :** ଆପଣ ଯେତେବେଳେ ପ୍ରେମ ଆରମ୍ଭ କଲେ ସେତେବେଳେ ସେହି ପ୍ରେମରେ ଆଗ୍ରହ ବେଶି, ବିଶ୍ୱାସ କମ୍ ଥିଲା। ତେଣୁ ଆପଣଙ୍କ ପ୍ରେମ ଅଧା ବାଟରେ ପାଣିଚିଆ ହୋଇଗଲା। ତେଣୁ ଆଉ ଚିନ୍ତା ନ କରି କୂଳକୁ ଆସି ପୁଣି ଥରେ ମିଶନ ଆରମ୍ଭ କରନ୍ତୁ। ହେଲେ ଏଥର ଯେମିତି ବିଶ୍ୱାସ ଭିତରେ ଭାଇରସ ଏଣ୍ଟ୍ରି ନ କରନ୍ତି ସେ ନେଇ ଦୃଷ୍ଟି ଦେବେ। ନ ହେଲେ ସେତେବେଳେ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।




# ଗାନ୍ଧିଜୀଙ୍କ ସ୍ମୃତିରେ ...




**ମହାତ୍ମା ଗାନ୍ଧୀଙ୍କୁ ସେ କେବଳ ଭଲ ପାଆନ୍ତିନି, ତାଙ୍କ ସମ୍ପର୍କରେ ପ୍ରକାଶିତ ଏକାଧିକ ଖବରକାଗଜ, ଡାକ ଟିକଟ ଏବଂ ପୁସ୍ତକ ସହିତ ବିଭିନ୍ନ ପ୍ରକାରର ବିରଳ ଫଟୋ ଆଦି ସାଇତି ରଖିଛନ୍ତି...**



ସୁଜିତ ପଟ୍ଟନାୟକ






ବ୍ରିଟିଶ ଶାସନ କବଳରୁ ଦେଶକୁ ମୁକୁଳେଇବା ପାଇଁ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଥିଲା ସ୍ୱତନ୍ତ୍ର । ତେବେ ମହାତ୍ମାଗାନ୍ଧୀଙ୍କ ନୀତି ଆର୍ଦ୍ଦଶର ସ୍ମୃତିଚାରଣକୁ ନିଆରାଭାବେ ସ୍ମରଣ କରନ୍ତି ଜଣେ ଭିନ୍ନମଣିଷ। ସେ ହେଲେ ସୁଜିତ ପଟ୍ଟନାୟକ। ଏଥିପାଇଁ ବର୍ଷବର୍ଷଧରି ସେ ଏକାଧିକ ଖବର କାଗଜ ଓ ବିଭିନ୍ନ ପତ୍ରପତ୍ରିକାକୁ ସାଇତି ରଖିଛନ୍ତି । ତାଙ୍କୁ ମିଳିଛି ଲିମିକାବୁକ୍ ଅଫ ରେକର୍ଡ଼ ଓ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼। ତାଙ୍କ ଘର କେନ୍ଦୁଝର ଜିଲା ସଦର ବଜାର ପୋଷ୍ଟ ଅଫିସ ନିକଟରେ। ସେ କୁହନ୍ତି ସେତେବେଳେ ଘରକୁ ପ୍ରାୟ୫/୬ପ୍ରକାରର ବିଭିନ୍ନ ଖବର କାଗଜ ଆସୁଥିଲା ସେ ସବୁକୁ ସାଇତି ରଖିବାର ନିଶାମତେ ଘାରିଥିଲା। ଏମିତିରେ ୮୫୬ ପ୍ରକାରର ବିଭିନ୍ନ ଖବର କାଗଜ ମଧ୍ୟରେ ଦୈନିକ ୧୨୨ଟି ସାପ୍ତାହିକ ୨୮୪ପାକ୍ଷିକ, ,୧୬୮ଟି ମାସିକ ୧୬୦ପ୍ରକାର ତ୍ରୟମାସିକ ୯ପ୍ରକାରର ଏଥିସହିତ ପୁରୁଣା ବିରଳ ଜେରକ୍ସ ଖବର କାଗଜ ପ୍ରାୟ ୧୭୬ପ୍ରକାରର ଓଡ଼ିଆ, ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ଼, ମରାଠୀ ଗୁଜରାଟି, କାସୀ ଆଦି ଭାଷାରେ ପ୍ରକାଶିତ ଖବର କାଗଜ ରହିଛି। ତେବେ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ପ୍ରକାଶିତ ଏକାଧିକ ପୁରୁଣା ଖବର କାଗଜ ମଧ୍ୟରେ ହରିଜନ, ବନ୍ଦେ ମାତରଂ ପତ୍ରିକା ଏବଂ ଡାକଟିକଟ ସମ୍ପର୍କୀୟ ପ୍ରାୟ ୧୫୦ଟି, ୧୨ଟି ଭାଷାରେ ପ୍ରକାଶିତ ଗାନ୍ଧୀଙ୍କ ବିଷୟରେ ବିଭିନ୍ନ ପୁସ୍ତକ, ୧୫୦ଟି ଗାନ୍ଧିଜୀଙ୍କ ବିଭିନ୍ନ ପ୍ରକାରର ଫଟୋ, ଯାହାକି ଗାନ୍ଧୀଙ୍କ ଘର, ସ୍କୁଲ, ପାଠପଢା ସମୟର ଚିତ୍ର ରହିଛି। ଏପରି କି ଗାନ୍ଧିଜୀଙ୍କ ବାର୍ତ୍ତାଲେଖାଥିବା ପ୍ରାୟ୧୫୦ଟି ପେନ୍ସିଲ ସାଇତି ରଖିଛି। ଏସବୁକୁ ଦେଖିଲେ ଗାନ୍ଧିଜୀ ଜୀବନଦର୍ଶନ ସମ୍ପର୍କରେ ଅନେକ ତଥ୍ୟ ଜାଣିହୁଏ। ଏହା ହିଁ ଜଣେ ଗାନ୍ଧୀପ୍ରେମୀ ମଣିଷଙ୍କ ସାଇତା ସମ୍ପଦ।

# ଟ୍ରାନ୍ସପରେଣ୍ଟ କଫି

**କ**ଫି ସମସ୍ତେ ପିଇଥିବେ, ଆଉ ତାର ରଙ୍ଗ କିପରି ଜାଣିଥିବେ। ହେଲେ ଏଠାରେ ଯେଉଁ କଫି କଥା କୁହାଯାଉଛି ତାହା ଦେଖିବାକୁ ଜଳ ପରି ସ୍ୱଚ୍ଛ। କିନ୍ତୁ ପିଇଲେ ତା'ର ସ୍ୱାଦ କୋଲ୍ଡ ବ୍ରିଉ ପରି। ଏହାକୁ ତିଆରି କରିଛନ୍ତି ସ୍ଲୋଭାକିଆର ଦୁଇ ଭାଇ ଡେଭିଡ ଓ ଆଦାମ ନେଗି। ସେମାନେ ଉଙ୍ଗମାନର ଆରାବିକା କଫି ବିନ୍ସରେ ଏକ ଗୁପ୍ତ ପଦ୍ଧତି ଆପଣେଇ ତାକୁ ସ୍ୱଚ୍ଛରେ ରୂପାନ୍ତରିତ କରିଛନ୍ତି। ଏହାକୁ ପିଇଲେ ଦାନ୍ତରେ କିମ୍ବା କପଡାରେ ପଡିଲେ ବି ଦାଗ ହୋଇ ନ ଥାଏ। ଏହାର ନାମ 'ସିଏଲ୍ଆର ସିଏଫ୍ଏଫ୍' ରଖାଯାଇଛି।



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ସୋନାଲୀ

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ- କୁମାର ଶରତ (ଧରିତ୍ରୀ)**

ସ୍ଥାନ ସୌଜନ୍ୟ-ଅମିଗୋ ରେଷ୍ଟୁରାଣ୍ଟ

## ହାଃ ହାଃ

### ସ୍ୱପ୍ନ


ସ୍ତ୍ରୀ ସ୍ୱାମୀଙ୍କୁ- ହେଇଟି ଶୁଣୁଛ, ମୁଁ ସ୍ୱପ୍ନ ଦେଖିଲି ତମେ ମୋ ପାଇଁ ଏକ ହୀରା ମୁଦି କିଣି ଦେଉଛ।
ସ୍ୱାମୀ- ମୁଁ ସ୍ୱପ୍ନ ଦେଖିଲି ସେଇ ମୁଦିର ଟଙ୍କା ତୁମ ବାପା ଦେଉଛନ୍ତି।

### ବ୍ୟାଙ୍କ

ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ ଫୋନ୍ କରି- ହ୍ୟାଲୋ ତମେ କେଉଠି ?
ବୟଫ୍ରେଣ୍ଡ- ବ୍ୟାଙ୍କରେ।
ଗର୍ଲଫ୍ରେଣ୍ଡ- ଓଃ ବ୍ୟାଙ୍କରେ..। ତା'ହେଲେ ନୂଆ ଫୋନ୍ ପାଇଁ ୧୦ ହଜାର ଟଙ୍କା ଓ ଡ୍ରେସ୍ ଲାଗି ୨ ହଜାର ଟଙ୍କା ମୋ ଆକାଉଣ୍ଟକୁ ପଠେଇ ଦିଅ।
ବୟଫ୍ରେଣ୍ଡ- ବ୍ଲଡ ବ୍ୟାଙ୍କରେ ଅଛି। ରକ୍ତ ପଠେଇ ଦେବି ପିଇବା ପାଇଁ ?

### ଆଇରନ୍

ପୁଅ ମା'କୁ- ମା' ଜାଣିଚୁ ମୋ ଦେହରେ ଜମାରୁ ଆଇରନ୍ ନାହିଁ।
ମା'- ତୁ କେମିତି ଜାଣିଲୁ ?
ପୁଅ- କାଲି ଚେକ୍ କରିଥିଲି।
ମା'- କି ଚେକ୍?
ପୁଅ- ମୁଁ ଦେହରେ ଚୁମ୍ବକ ଲଗେଇଲି ହେଲେ ଜମାରୁ ଲାଗିଲାନି। ଆଇରନ୍ ଥିଲେ ତ ଲାଗିଥାଆନ୍ତା ନା !



# ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍









ତାମିଲନାଡୁର ମଦୁରାଇଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ମୃତିରେ ଏକ ସଂଗ୍ରହାଳୟ ୧୯୫୯ ମସିହାରେ ଗଢ଼ି ଉଠିଥିଲା, ଯାହାର ନାଁ ହେଉଛି ଗାନ୍ଧୀ ମେମୋରିଆଲ୍ ମ୍ୟୁଜିୟମ୍। କେହି କେହି ଏହାକୁ ଗାନ୍ଧୀ ମ୍ୟୁଜିୟମ୍ ବି କହିଥାନ୍ତି। ତେବେ ଦେଶରେ ଦେଖିବାକୁ ମିଳୁଥିବା ପ୍ରମୁଖ ୫ଟି ଗାନ୍ଧୀ ମ୍ୟୁଜିୟମ୍ ବା ଗାନ୍ଧୀ ସଂଗ୍ରହାଳୟ ମଧ୍ୟରୁ ଏହା ହେଉଛି ଅନ୍ୟତମ। ଏଠାରେ ଗାନ୍ଧିଜୀଙ୍କ ଜୀବନୀ ତଥା ସ୍ମୃତି ସହ ଜଡିତ ଥିବା ଅନେକ ବିରଳ ଜିନିଷ ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ରକ୍ତରେ ଜୁଡୁବୁଡୁ ହୋଇଥିବା ଏକ ଧୋତି ହେଉଛି ଅନ୍ୟତମ, ଯାହାକୁ ଗାନ୍ଧିଜୀ ସେତେବେଳେ ପିନ୍ଧିଥିଲେ ଯେତେବେଳେ ତାଙ୍କ ଉପରକୁ ଗୁଳି ଚଳାଇ ତାଙ୍କୁ ମାରି ଦିଆଯାଇଥିଲା।

### ଇତିହାସ


୧୯୪୮ ମସିହାରେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସାରା ଭାରତ ବର୍ଷରେ ଶୋକର ଛାୟା ଖେଳି ଯାଇଥିଲା। ପରିସ୍ଥିତି ଟିକେ ଶାନ୍ତ ହେବା ପରେ ଗାନ୍ଧିଜୀଙ୍କ ସ୍ମୃତିରେ ଏକ ସଂଗ୍ରହାଳୟ ଗଢ଼ିବା ପାଇଁ ବିଭିନ୍ନ ମହଲରେ ଏପରିକି ସାଧାରଣ ଲୋକେ ବି ମତବ୍ୟକ୍ତ କରିଥିଲେ। ପରେ ସମସ୍ତଙ୍କ ମିଳିତ ସହଯୋଗରେ ମହାତ୍ମା ଗାନ୍ଧୀ ନ୍ୟାଶନାଲ୍ ମେମୋରିଆଲ୍ ଟ୍ରଷ୍ଟ ନାମରେ ଏକ ଟ୍ରଷ୍ଟ ଗଢି ଉଠିଥିଲା। ଆଉ ସେହି ଟ୍ରଷ୍ଟ ଦ୍ୱାରା ହିଁ ମଦୁଠାଇଠାରେ ଏହି ମ୍ୟୁଜିୟମ୍‌ଟିର ଶୁଭାରମ୍ଭ ହୋଇଥିଲା, ଯାହାକୁ ୧୯୫୯ ଏପ୍ରିଲ୍ ୧୫ ତାରିଖରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ଉଦ୍‌ଘାଟନ କରିଥିଲେ। ତେବେ ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ମଦୁରାଇର ଏହି ଗାନ୍ଧୀ ମ୍ୟୁଜିୟମ୍‌ଟି ଏବେ ଯେଉଁ ସ୍ଥାନରେ ରହିଛି ବା ଯେଉଁ ମହଲରେ ତାହା ଶୋଭା ପାଉଛି, ପୂର୍ବେ ତାହା ମଦୁରାଇ ନାୟକ ରାଜବଂଶର ରାଣୀ ମଙ୍ଗମ୍ମଲଙ୍କର ପ୍ରାସାଦ ଭାବେ ଜଣାଯାଉଥିଲା। ହେଲେ ଗାନ୍ଧିଜୀଙ୍କ ମୃତ୍ୟୁ ପରେ ମହାତ୍ମା ଗାନ୍ଧୀ ନ୍ୟାଶନାଲ୍ ମେମୋରିଆଲ୍ ଟ୍ରଷ୍ଟର ଉଦ୍ୟମରେ ରାଣୀ ମଙ୍ଗମ୍ମଲଙ୍କର ସେହି ପ୍ରାସାଦଟିକୁ ମ୍ୟୁଜିୟମ୍‌ରେ ପରିବର୍ତ୍ତିତ କରାଯାଇଥିଲ। ଏଠାକାର ଶାନ୍ତ ତଥା ନିର୍ମଳ ପରିବେଶକୁ ଦେଖି ପରେ ୟୁନାଇଟେଡ୍ ନେଶନ୍ସ ଅର୍ଗାନାଇଜେଶନ୍ ତରଫରୁ ଉକ୍ତ ମ୍ୟୁଜିୟମ୍‌କୁ ବିଶ୍ୱସ୍ତରରେ ଏକ ଶାନ୍ତିପୂର୍ଣ୍ଣ ମ୍ୟୁଜିୟମ୍‌ର ପରିଚିତ ମିଳିଥିଲା।

### କ'ଣ ଦେଖିବେ

ଏହି ମ୍ୟୁଜିୟମ୍‌ରେ ଇତିହାସ ତଥା ଗାନ୍ଧିଜୀଙ୍କ ଜୀବନୀ ସହ ସମ୍ପର୍କ ଥିବା ଅନେକ ସ୍ମୃତିପୂର୍ଣ୍ଣ ଜିନିଷକୁ ସାଇତି ରଖାଯାଇଛି। ତା'ଛଡ଼ା ମ୍ୟୁଜିୟମ୍ ଭିତରେ ତିନୋଟି ସ୍ୱତନ୍ତ୍ର ବିଭାଗ ମଧ୍ୟ ରହିଛି ଯଥା: 'ଇଣ୍ଡିଆ ଫାଇଟ୍ସ ଫର୍ ଫ୍ରିଡମ୍', 'ଭିଜୁଆଲ୍ ବାୟୋଗ୍ରାଫି ଅଫ୍ ଗାନ୍ଧିଜୀ' ଏବଂ 'ରେଲିକ୍ସ ଆଣ୍ଡ ରେପ୍ଲିକାସ୍'। 'ଇଣ୍ଡିଆ ଫାଇଟ୍ସ ଫର୍ ଫ୍ରିଡମ୍' ବିଭାଗରେ ଏକ ସ୍ପେଶାଲ୍ ଫଟୋ ଏକ୍‌ଜିବିଶନ୍‌କୁ ସ୍ଥାନ ଦିଆଯାଇଛି, ଯେଉଁଥିରେ ସ୍ୱତନ୍ତ୍ରତା ଆନ୍ଦୋଳନ ସମ୍ବନ୍ଧୀୟ ପ୍ରାୟ ୨୬୫ଟି ଫଟୋ ଥିବା ଦେଖିବାକୁ ମିଳିଥାଏ। ସେହିପରି 'ଭିଜୁଆଲ୍ ବାୟୋଗ୍ରାଫି ଅଫ୍ ଗାନ୍ଧିଜୀ' ବିଭାଗରେ ଗାନ୍ଧିଜୀଙ୍କର ପିଲାବେଳଠୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମୟର ଫଟୋ, ପେଣ୍ଟିଙ୍ଗ୍ସ ଆଦିକୁ ସ୍ଥାନ ଦିଆଯାଇଛି। ତା'ଛଡ଼ା ଏହି ବିଭାଗରେ ଗାନ୍ଧିଜୀଙ୍କର ବିଭିନ୍ନ ମୂର୍ତ୍ତି ସହିତ ତାଙ୍କର ହାତଲେଖା ଚିଠିକୁ ବି ସାଇତି ରଖାଯାଇଛି। ଅନ୍ୟପକ୍ଷେ 'ରେଲିକ୍ସ ଆଣ୍ଡ ରେପ୍ଲିକାସ୍' ବିଭାଗରେ ଗାନ୍ଧିଜୀ ବ୍ୟବହାର କରୁଥିବା କେତେକ ଜିନିଷକୁ ଦେଖିବାକୁ ମିଳିଥାଏ। ଖାସ୍ କରି ଏହି ବିଭାଗରେ ଗାନ୍ଧିଜୀଙ୍କ ମୃତ୍ୟୁ ସମୟର ସେହି ରକ୍ତଭିଜା ଧୋତିକୁ ଏକ ଭ୍ୟାକୁମ୍ ଗ୍ଲାସ୍ ବକ୍ସ ଭିତରେ ସାଇତି ରଖାଯାଇଛି। କିନ୍ତୁ କେହି କେହି ବି ଏହି ଧୋତିକୁ ସତ ନୁହେଁ ବରଂ ଏକ ନମୁନା ବୋଲି ମଧ୍ୟ କହୁଥିବା ଶୁଣିବାକୁ ମିଳୁଛି। ତେବେ ସେ ଯାହା ବି ହେଉ ଏହି ମ୍ୟୁଜିୟମ୍‌ରେ ଥିବା ଜିନିଷ ସବୁକୁ ଦେଖିଲେ ଇତିହାସର ସ୍ମୃତି ସବୁ ପୁଣିଥରେ ଉଜ୍ଜୀବିତ ହୋଇଗଲା ପରି ନିଶ୍ଚୟ ମନେହେବ। ସେହିପରି ଏହି ମ୍ୟୁଜିୟମ୍‌ରେ ଏକ ଲାଇବ୍ରେରି ମଧ୍ୟ ରହିଛି, ଯେଉଁଠାରେ ଗାନ୍ଧିଜୀ ନିଜେ ଲେଖିଥିବା ତଥା ଗାନ୍ଧିଜୀ ଓ ଭାରତୀୟ ସଂସ୍କୃତି ଉପରେ ଆଧାରିତ ଥିବା ପୁସ୍ତକ ସବୁକୁ ସ୍ଥାନ ଦିଆଯାଇଛି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯାଇହେବ। କିନ୍ତୁ ସପ୍ତାହର ପ୍ରତି ଶୁକ୍ରବାର ଏହା ବନ୍ଦ ରହୁଥିବା ଶୁଣିବାକୁ ମିଳିଥାଏ। ତା'ଛଡ଼ା ଉକ୍ତ ମ୍ୟୁଜିୟମ୍‌ଟି ସକାଳ ୧୦ଟାରୁ ଦିନ ୧ଟା ଯାଏଁ ଏବଂ ପୁନର୍ବାର ଦିନ ୨ଟାରୁ ଅପରାହ୍ନ ୫.୪୫ ଯାଏଁ ଖୋଲା ରହିଥାଏ। ସେହିପରି ଏଠାକୁ ଯିବା ପାଇଁ ଟ୍ୟାକ୍ସି, ବସ୍ ତଥା ଅଟୋରିକ୍ସାର ମଧ୍ୟ ସୁବିଧା ରହିଛି। ମଦୁରାଇ ଇଣ୍ଟର ନ୍ୟାଶନାଲ୍ ଏୟାର୍‌ପୋର୍ଟଠାରୁ ଏହା ପ୍ରାୟ ୧୨ କି.ମି. ଏବଂ ମଦୁରାଇ ଜଙ୍କଶନ୍ ରେଲୱେ ଷ୍ଟେଶନଠାରୁ ଏହା ପ୍ରାୟ ସାଢେ ୪ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ଶୁଣିବାକୁ ମିଳେ ଏଠାକୁ ଯିବା ପାଇଁ ଏଣ୍ଟ୍ରି ଟିକେଟ୍ ପଡ଼େନାହିଁ, କିନ୍ତୁ କ୍ୟାମେରା ପ୍ରବେଶ ପାଇଁ କିଛିଟା ପଇସା ଦେବାକୁ ପଡ଼ିଥାଏ।








# ନିଜ ପାଇଁ ପୋଖରୀ ତିଆରି କରୁଥିବା ବେଙ୍ଗ

ପୃଥିବୀର ସବୁଠାରୁ ବଡ଼ ବେଙ୍ଗ ହେଉଛି ଗୋଲିଆଥ୍। ୩୪ ସେ.ମି. ଲମ୍ବ ଓ ୩.୨ କି.ଗ୍ରା ଓଜନ ବିଶିଷ୍ଟ ଏହି ବେଙ୍ଗ କେବଳ କାମେରୁନ୍ ଓ ଇକ୍ୱାଟୋରିଆଲ୍ ଗୁଏନାରେ ଦେଖିବାକୁ ମିଳନ୍ତି। ଏମାନେ ଝରଣା ନିକଟରେ ବସବାସ କରନ୍ତି। ଏହା ଏକ ବିଲୁପ୍ତପ୍ରାୟ ପ୍ରାଣୀ। କାରଣ ମାଂସ ପାଇଁ ଏହାକୁ ଶିକାର କରାଯାଇଥାଏ। ତେବେ ଏହି ବେଙ୍ଗର ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ବେଙ୍ଗଟି ରହିବା ପାଇଁ ନିଜେ ଏକ ପୋଖରୀ ତିଆରି କରିଥାଏ। ସେ ପୁଣି ଝରଣା କୂଳରେ ଅବା କମ୍ ପାଣି ଥିବା ଝରଣା ପାଣି ଭିତରର ପଥରକୁ ନିଜେ ଆଡେଇ ପୋଖରୀ ତିଆରି କରେ। ବିରାଟକାୟ ଶରୀର ଥିବାରୁ ବେଙ୍ଗଟି ୨ କି.ଗ୍ରା. ପର୍ଯ୍ୟନ୍ତ ଓଜନର ପଥରକୁ ଟେକି ଅନ୍ୟ ସ୍ଥାନରେ ରଖିପାରେ। ବୟସ୍କ ବେଙ୍ଗ ଏହି ପୋଖରୀ ତିଆରି କରିବା ସହ ଜଗିଥାଆନ୍ତି।

## କାର୍ଟୁନ କର୍ନର



# ପ୍ରେମିକା ଚନ୍ଦ୍ରଭାଗା ~ ନାଟ୍ୟକାର ହର ବାରିକ



ଓଡ଼ିଆ ଯାତ୍ରାଜଗତର ସେ ହେଉଛନ୍ତି ଜଣେ ମାତ୍ର ନିର୍ଦ୍ଦେଶକ ଯିଏ ଯାତ୍ରାର ମୌଳିକତା ଉପରେ ଗୁରୁତ୍ୱ ଦିଅନ୍ତି। ଓଡ଼ିଆ ଯାତ୍ରାଜଗତର ସେ ହେଉଛନ୍ତି ଜଣେ ମାତ୍ର ନାଟ୍ୟକାର ଯିଏ ନାଟକକୁ ସାହିତ୍ୟର ସର୍ବଶ୍ରେଷ୍ଠ ବିଭବ ବୋଲି ମନେକରନ୍ତି। ସମ୍ଭବତଃ ସେଥିପାଇଁ ତାଙ୍କର ପ୍ରତ୍ୟେକ ନାଟକ ମନେହୁଏ ଗୋଟିଏ ଗୋଟିଏ କ୍ଲାସିକ୍। ପ୍ରଶ୍ନୋତ୍ତର ବେଳେ ସେ ଖୁବ୍ କମ୍ କଥା କହନ୍ତି। ବାଛିବାଛି ଅଳ୍ପ ଶବ୍ଦ ପ୍ରୟୋଗ କରନ୍ତି। ମାତ୍ର ତାଙ୍କର ସେହି ଅଳ୍ପକଥା ଆଉ ଅଳ୍ପଶବ୍ଦରେ ଭରି ହୋଇ ରହିଥାଏ ଅସୀମିତ ଊର୍ଜା। ସେ ହେଉଛନ୍ତି ନାଟ୍ୟକାର, ନିର୍ଦ୍ଦେଶକ, କବି ତଥା ଗୀତିକାର ହର ବାରିକ। ଚଳିତଯାତ୍ରା ବର୍ଷରେ 'ସୂର୍ଯ୍ୟମନ୍ଦିର'ରେ 'ପ୍ରେମିକାର ନାଁ ଚନ୍ଦ୍ରଭାଗା' ନାଟକ କରି ଚର୍ଚ୍ଚାରେ ଅଛନ୍ତି ଏହି ମୂର୍ଦ୍ଧନ୍ୟ ନାଟ୍ୟକାର ତଥା ନିର୍ଦ୍ଦେଶକ।

ଯଦି କବିବର ରାଧାନାଥ ରାୟଙ୍କ ମିଥ୍ ଉପଜୀବ୍ୟ କାବ୍ୟ 'ଚନ୍ଦ୍ରଭାଗା'କୁ ଦେଖାଯାଏ ତା'ହେଲେ ଏକଥା ସ୍ପଷ୍ଟ ହୋଇଯିବ ଯେ, ସୂର୍ଯ୍ୟ ତଥା ସୂର୍ଯ୍ୟମନ୍ଦିର (କୋଣାର୍କ) ସହିତ ଚନ୍ଦ୍ରଭାଗାର ସମ୍ପର୍କ କେତେ ନିବିଡ଼ ଆଉ ଘନିଷ୍ଠ। ସଂଯୋଗବଶତଃ, ସେହି 'ଚନ୍ଦ୍ରଭାଗା' ଶୀର୍ଷକଟି ନାଟକ 'ସୂର୍ଯ୍ୟମନ୍ଦିର' ଯାତ୍ରାନୁଷ୍ଠାନରେ ହିଁ ପରିବେଷିତ ହେଉଛି। ତେବେ କାହାଣୀ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ନାଟ୍ୟକାର ସ୍ପଷ୍ଟଭାବେ କହନ୍ତି, "କବିବରଙ୍କ 'ଚନ୍ଦ୍ରଭାଗା' ମିଥ୍ ସହିତ ନାଟକରେ ଥିବା କାହାଣୀର କିଛି ସମ୍ପର୍କ ନାହିଁ। ସମ୍ପୂର୍ଣ୍ଣ ଅଲଗା। ତେବେ ଚନ୍ଦ୍ରଭାଗା କାବ୍ୟକୁ ମୁଁ ସେଥିରେ ଦୃଷ୍ଟାନ୍ତ ଭାବରେ ନେଇଛି। ପୁଣି କାବ୍ୟ ପଙ୍କ୍ତିକୁ ବି ସଂଳାପ ଭାବରେ ଉଦ୍ଧାରକରି ନାଟକଟିକୁ ଶସ୍ତାପଣରୁ ବାହାର କରିଛି ଓ ସାହିତ୍ୟାଭିମୁଖୀ କରିଛି। ନାଟକଟି ଏକ ସେମି-କ୍ଲାସିକ୍ ଡ୍ରାମା। ଚନ୍ଦ୍ରଭାନୁ ଏବଂ ଚନ୍ଦ୍ରଭାଗାର ପ୍ରେମ କାହାଣୀ। ପ୍ରେମ ମାନେ ନୁହେଁ ବାହାହେବା। ପ୍ରେମ ହେଉଛି ତ୍ୟାଗ ବା ସାକ୍ରିଫାଇସ୍। ପ୍ରେମ ପାଇଁ ଜଣେ କ'ଣ କରିପାରେ, କୋଉ ଯାଏ ଯାଇପାରେ ତାହାକୁ ମୁଁ ଏହି ନାଟକରେ କହିଛି। ପୁଣି ଏହି ନାଟକରେ ଆମର ପୂର୍ବରୁ ଯାତ୍ରାର ଯେଉଁ ମୌଳିକତା ଥିଲା ତାହାକୁ ଫେରେଇବାର ଉଦ୍ୟମ କରିଛି।" ଏ ପ୍ରକାର ଏକ ନିଆରା ନାଟକକୁ ଆଜିର ଦର୍ଶକ କ'ଣ ଆଦରିବେ (?) ଏ ପ୍ରଶ୍ନର ଉତ୍ତରରେ ସେ କହନ୍ତି, "ଦେଖନ୍ତୁ, ଦିନଥିଲା ଅମିତ୍ରାକ୍ଷର ଛନ୍ଦରେ ନାଟକ ହେଉଥିଲା। ଆଉ ଲୋକମାନେ ତାହାକୁ ଦେଖୁଥିଲେ। ଦର୍ଶକମାନେ ଆଦୌ ବଦଳିନାହାନ୍ତି। ଓଲଟି ଆମେ ତାଙ୍କ ଉପରେ ଯାହା ଲଦି ଦେଉଛେ ସେମାନେ ସେଇଆ ଗ୍ରହଣ କରୁଛନ୍ତି। ଆମ ମାର୍କେଟକୁ ଚାଇନା ଖାଦ୍ୟ ଆସିଲା, ଲୋକେ ଖାଇଲେ। ଚାଇନା ମାଲ୍ ଆସିଲା, ଲୋକେ କିଣିଲେ। କାରଣ ଆମେ ସେମାନଙ୍କୁ ଭଲ, ଉତ୍ତମମାନର, ଗୁଣାତ୍ମକ ଜିନିଷ ଯୋଗେଇପାରିଲୁନି। ତେଣୁ ଦର୍ଶକମାନଙ୍କୁ କେବେ ବି ଦୋଷ ଦିଆଯାଇପାରିବ ନାହିଁ। ତେବେ ଏଠି ଗୋଟେ କଥା କହିବି ଯେ, ତୁମେ କି ଜିନିଷ ଦେଉଛ ତାହା ବଡ଼କଥା ନୁହେଁ। ତୁମେ କେମିତି ଉପସ୍ଥାପନା କରୁଛ ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଯଦି ଠିକ୍ ଭାବରେ ଉପସ୍ଥାପନା କରାଯିବ ତା'ହେଲେ ଲୋକେ ତାକୁ ଗ୍ରହଣ କରିବେ ହିଁ କରିବେ।" ଅତୀତରେ 'କଉଡ଼ିଖେଳ', 'ଛତା ଚିହ୍ନରେ ଭୋଟ ଦିଅ' ଭଳି କ୍ଲାସିକ୍ ନାଟକ କରି ସଫଳତା ପାଇଥିବା ନାଟ୍ୟକାର, ନିର୍ଦ୍ଦେଶକ ହର ବାରିକଙ୍କ ଚଳିତ ବର୍ଷର କ୍ଲାସିକ୍ 'ପ୍ରେମିକାର ନାଁ ଚନ୍ଦ୍ରଭାଗା' ଏବେଠାରୁ ପ୍ରଶଂସା ଗୋଟେଇବା ଆରମ୍ଭ କଲାଣି। ନାଟକଟିକୁ ସେ ରଚନା କରିଥିବା ସହ ଏହାର ନିର୍ଦ୍ଦେଶନା ତଥା ଗୀତ ରଚନାର ଭାର ବି ସମ୍ଭାଳିଛନ୍ତି। ଏହାକୁ ସଙ୍ଗୀତରେ ସଜେଇଛନ୍ତି ମିହିର ମହାନ୍ତି। ଚଳିତବର୍ଷ ତାଙ୍କର ଅନ୍ୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଯାତ୍ରାଶ୍ରୀ ବିଶ୍ୱଦରବାର'ର 'ତମ କଥା ଭାରି ମନେପଡୁଛି' (ଉଭୟ ନାଟ୍ୟକାର ଓ ନିର୍ଦ୍ଦେଶକ), 'ସଚ୍ଚିଦାନନ୍ଦ'ର 'ବାବୁ ମୋ ଚୌକିଦାର' (ଉଭୟ ନାଟ୍ୟକାର ଓ ନିର୍ଦ୍ଦେଶକ) ଏବଂ 'ଆଇଟମ ଗର୍ଲ ରାଣୀପଣ୍ଡା' (ରଚନା- ହର ବାରିକ, ନିର୍ଦ୍ଦେଶନା- ରାଜଗୁରୁ ବିଜୟ ଦାସ)। ଏତଦ୍‌ବ୍ୟତୀତ 'ରାଜଧାନୀ ଅପେରା' ପାଇଁ ସେ ଏକ ନାଟକ ରଚନା କରିବାକୁ ଯାଉଛନ୍ତି ଯାହାର ନାମକରଣ କରାଯାଇନାହିଁ।

# ଡବଲ ଚରିତ୍ରରେ ରିଙ୍କି

ଦୁଇ ଯାଆଁଳା ଭଉଣୀ। ସ୍ୱପ୍ନା ଆଉ ସୁଇଟି। ଦେଖିବାକୁ ଏକାପରି। ଠିକ୍ ଯେମିତି ଗୋଟିଏ ଚାଉଳରେ ଗଢ଼ା। ସ୍ୱପ୍ନା କାନ୍ଦୁରୀ ହୋଇଥିବା ବେଳେ ସୁଇଟି ରୋକ୍‌ଠୋକ୍। କାହାରିକୁ ଛାଡ଼େନା। ପିଲାଟି ବେଳୁ ଅଲଗା ହୋଇଯାଇଛନ୍ତି ଏଇ ଦୁଇ ଭଉଣୀ। ବଡ଼ ହେଉଛି ସ୍ୱପ୍ନା। ଭଲ ପାଉଛି ରାଜାକୁ। ମାତ୍ର ରାଜା ପାଇଁ ସ୍ୱପ୍ନା କେବଳ ଜଣେ ବାନ୍ଧବୀ। ସ୍ୱପ୍ନା ଯେ ତାକୁ ପ୍ରେମକରେ ସେକଥା ସେ ଭାବିପାରେନା। ପରିସ୍ଥିତିରେ ପଡ଼ି ଯେଉଁଦିନ ସ୍ୱପ୍ନା ଅଜୟକୁ ବାହାହୋଇଯାଏ ସେହିଦିନ ରାଜା ଜାଣେ ଯେ, ସ୍ୱପ୍ନା ତାକୁ ଭଲପାଉଥିଲା। ଅଥୟ ରାଜା ସ୍ୱପ୍ନାକୁ ଖୋଜିବୁଲେ। ସ୍ୱପ୍ନାର ସ୍ୱାମୀ ଅଜୟର ଏକ ଗାଡ଼ି ଆକ୍ସିଡେଣ୍ଟ ହୁଏ। ତାକୁ ଉଦ୍ଧାର କରେ ରାଜା। ଆଉ ରାଜା ଅଜୟର ଜୀବନ ବଞ୍ଚେଇବା ପାଇଁ ତାକୁ ଯେଉଁଠିକି ନେଇଯାଏ ସେଠାରେ ଥାଏ ସୁଇଟି। ସୁଇଟି ଓ ସ୍ୱପ୍ନା ତ ଏକାଭଳି ଦେଖିବାକୁ। ତେଣୁ ସୁଇଟିକୁ ଦେଖି ଉଭୟ ରାଜା ଓ ଅଜୟ ଭାବିନିଅନ୍ତି ସେ ହେଉଛି ସ୍ୱପ୍ନା। ରାଜା କହେ ଏ ହେଉଛି ମୋ ପ୍ରେମିକା ସ୍ୱପ୍ନା। ଅଜୟ କହେ, ଏ ହେଉଛି ମୋ ସ୍ତ୍ରୀ ସ୍ୱପ୍ନା। ବାସ୍ତବରେ ସେ ସ୍ୱପ୍ନା ହିଁ ନ ଥାଏ। ସେ ହେଉଛି ସୁଇଟି।

ଏହା ହେଉଛି ଯାତ୍ରା 'ସ୍ୱପ୍ନମହଲ' ପ୍ରାୟୋଜିତ ଚଳିତବର୍ଷର ସୁପରହିଟ୍ ନାଟକ 'ସ୍ୱପ୍ନମହଲର ସ୍ୱପ୍ନା'ର ସଂକ୍ଷିପ୍ତ କାହାଣୀ। ଏହାପରେ କାହାଣୀ କ'ଣ ହୁଏ କେଉଁ ଆଡ଼କୁ ଗତିକରେ ତାହା ଭିନ୍ନକଥା। ତେବେ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ଏହି ଦ୍ୱୈତ(ଡବଲ) ଚରିତ୍ରରେ ଅଭିନୟକରି ଚରିତ୍ର ଦୁଇଟିକୁ ଶହେରୁ ଶହେ ପ୍ରତିଶତ ନ୍ୟାୟ ଦେବାରେ ସଫଳ ହୋଇଛନ୍ତି ରିଙ୍କି ଓରଫ ପ୍ରତିଭା ମହାରଣା। ଦୁଇଟି ଯାକ ଚରିତ୍ର ପରସ୍ପରର ବିପରୀତମୁଖୀ। ଜଣେ ଶାନ୍ତ ହେଲେ ଆଉ ଜଣେ ଅଶାନ୍ତ। "ସାଧାରଣତଃ ଡବଲ ରୋଲ କରିବା କଷ୍ଟକର କଥା। ପୁଣି ଯାତ୍ରାରେ ଡବଲ ରୋଲ ଆହୁରି କଷ୍ଟକର। ଦୁଇଟା ଚରିତ୍ରକୁ ସମାନ ଭାବରେ ନ୍ୟାୟ ନ ଦେଲେ ନାଟକଟିକୁ ଦର୍ଶକ ଗ୍ରହଣ କରିବେ ନାହିଁ। ତେଣୁ ଚଳିତ ବର୍ଷ ଏହା ମୋ ପାଇଁ ଚ୍ୟାଲେଞ୍ଜ। ପାର୍ଟିର ପ୍ରଯୋଜକ, ପରିଚାଳକ, ନାଟ୍ୟକାର ତଥା ନିର୍ଦ୍ଦେଶକ ମୋତେ ଏଥିପାଇଁ ଯୋଗ୍ୟ ବୋଲି ଭାବିଛନ୍ତି। ଆଉ ମୁଁ ସେମାନଙ୍କର ଆଶା ଭରସାକୁ କେବେ ବି ତଳେ ପଡ଼ିବାକୁ ଦେବିନି" ବୋଲି କହନ୍ତି ଜଲିଉଡ୍‌ର ଏହି ପ୍ରତିଭାଧାରୀ ନାୟିକା। ସେତିକି ନୁହେଁ, ସେ ଏକଥା ବି କହନ୍ତି ଯେ, "ମୁଁ ଅଭିନୟ କରିବାକୁ ଆସିଛି। ମୋତେ ଯେତେ କଷ୍ଟକର ଅଭିନୟ କରିବାକୁ ଦେଲେ ବି ମୁଁ ପଛକୁ ଫେରିବିନି। ଈଶ୍ୱରଙ୍କ ଆଶୀର୍ବାଦ ଥିଲେ ଅଭିନୟକୁ ଚ୍ୟାଲେଞ୍ଜ ଭାବରେ ନେଇ ତାହାକୁ ସଫଳ କରିବି।"

ଆଲବମ୍‌ରୁ କ୍ୟାରିୟର ଆରମ୍ଭ କରିଥିବା ରିଙ୍କିଙ୍କ ଯାତ୍ରା ଇଂନିସ ଆରମ୍ଭ ହୋଇଥିଲା 'ରଙ୍ଗମହଲ'ରୁ। ଇତିମଧ୍ୟରେ ସେ ଅନେକ ଯାତ୍ରାନୁଷ୍ଠାନରେ ନିଜର ଅଭିନୟ ଦକ୍ଷତା ଦେଖେଇ ସାରି ଚଳିତ ବର୍ଷ ଆସି ପହଞ୍ଚିଛନ୍ତି ଯାତ୍ରା ସ୍ୱପ୍ନମହଲରେ। ଚଳିତବର୍ଷ 'ସ୍ୱପ୍ନମହଲର ସ୍ୱପ୍ନା'ନାଟକକୁ ଛାଡ଼ିଦେଲେ ରିଙ୍କିଙ୍କ ହାତରେ ଅଛି ଆଉ ଦୁଇଖଣ୍ଡ ନାଟକ। 'ଆପଣମାନେ ଖୁସି ତ' ନାଟକରେ ସେ ଖୁସି ଚରିତ୍ରରେ ଅଭିନୟ କରିଥିବା ବେଳେ 'ବାଦ୍‌ଶା' ନାଟକରେ ସେ ନିଲମ୍ ଭୂମିକାରେ ଅଭିନୟ କରିଛନ୍ତି।



## ପୁସ୍ତକ ସମୀକ୍ଷା




### ଶବ୍ଦ ହଜିଗଲା ପରେ

ଗାଳ୍ପିକା : ପଲ୍ଲବୀ ନାୟକ

ପଶ୍ଚିମା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ଶବ୍ଦ ହଜିଗଲା ପରେ' ହସ୍ତଗତ ହୋଇଛି। ଏହାର ଲେଖିକା ପଲ୍ଲବୀ ନାୟକ। ୯୦ଟଙ୍କା ମୂଲ୍ୟର ଏହି ସଂକଳନରେ ରହିଛି ୨୦ଟି ଗଳ୍ପ। ଶବ୍ଦ ନିକଟରେ ଚିରକାଳ ଅସହାୟତା ହେଉଛି ଏହି ଗଳ୍ପ ସଂକଳନର ଭିତ୍ତିଭୂମି। ସେଥିପାଇଁ ଗାଳ୍ପିକା ତାଙ୍କ ସହ ଲୁଚକାଳି ଖେଳୁଥିବା ଓ ତାଙ୍କ ହାତରେ ଧରାପଡୁ ନ ଥିବା ଶବ୍ଦଙ୍କ ନିକଟରେ ନିଜକୁ ସମର୍ପି ଦେଇଛନ୍ତି। ସଂକଳନସ୍ଥ ଗଳ୍ପଗୁଡ଼ିକ ପଠନୀୟ।

### ଚିତ୍ରକଳ୍ପର ଚିତ୍ର

କବି : ଡ. ମିହିର ପଟ୍ଟନାୟକ

ପଚାଶରୁ ଊର୍ଦ୍ଧ୍ୱ କବିତାକୁ ନେଇ ପ୍ରକାଶିତ ହୋଇଛି କବିତା ସଂକଳନ 'ଚିତ୍ରକଳ୍ପର ଚିତ୍ର'। ଏହାର କବି ହେଉଛନ୍ତି ଡ. ମିହିର ପଟ୍ଟନାୟକ। କବି ଫନୀ ମହାନ୍ତି ଏହି ପୁସ୍ତକର ଅଗ୍ରଲେଖ ରଚନା କରିଛନ୍ତି। ସେ ଲେଖିଛନ୍ତି, 'କବିତା ଗ୍ରନ୍ଥଟି ବସ୍ତୁତଃ ସୁଖପାଠ୍ୟ। ସରଳ ସାବଲୀଳ ଭାଷା ବିନ୍ୟାସ ଓ ଆବଶ୍ୟକସ୍ଥଳେ ଯଥାର୍ଥ ରୂପକଳ୍ପର ପ୍ରୟୋଗ ଏଥିରେ ହୋଇଥିବାରୁ ଏହା ପାଠକର ମନକୁ ଛୁଇଁବ ହିଁ ଛୁଇଁବ।' ପୁସ୍ତକଟି ସଂଗ୍ରହଣୀୟ।

### ଅଥର୍ବ ଈଶ୍ୱର

ଗାଳ୍ପିକା : ସୌଭାଗିନୀ ପରିଡ଼ା

ମୋଟ ୧୨ଟି ଗଳ୍ପକୁ ନେଇ ସମୃଦ୍ଧ ହୋଇଛି ଗଳ୍ପ ସଂକଳନ 'ଅଥର୍ବ ଈଶ୍ୱର'। ଗାଳ୍ପିକା ସୌଭାଗିନୀ ପରିଡ଼ାଙ୍କ ଏହା ହେଉଛି ଦ୍ୱିତୀୟ ଗଳ୍ପ ସଂକଳନ। ସଂକଳନ ବିଷୟରେ ସୂଚନା ଦେବାକୁ ଯାଇ ଅଧ୍ୟାପକ ବିଶ୍ୱରଞ୍ଜନ ଲେଖିଛନ୍ତି ଯେ, ବ୍ୟକ୍ତିଗତ ଜୀବନରେ ବିଭୋରପଣ, ଦାମ୍ପତ୍ୟ, ବନ୍ଧୁତାରୁ ଆରମ୍ଭକରି ଆମ ସ୍ୱାଧୀନତା ସଂଗ୍ରାମର କାହାଣୀ ଯାଏ ପ୍ରଲମ୍ବିତ ସୌଭାଗିନୀଙ୍କ କଥାର ପରିସର। ପୁସ୍ତକଟି ଲୋକାଦୃତ ହେବା ଆଶା କରାଯାଏ।




# ପୋଖରୀ ଭିତରେ ସେଲ୍ଫି

ଆଜିକାଲି ପ୍ରାୟ ସମସ୍ତଙ୍କର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଅଛି। ତେବେ କେବେ କୌଣସି ପୋଖରୀର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଥିବା କଥା ଶୁଣିଛନ୍ତି ? ବିଶ୍ୱାସ ନ ହେଲେ ବି ଇଣ୍ଡୋନେସିଆର ମଧ୍ୟ ଜାଭା ଅଞ୍ଚଳରେ 'ଉମ୍ବୁଲ ପଙ୍ଗକଙ୍ଗ' ନାମକ ଏକ ପୋଖରୀର ଅଛି ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ। କେବଳ ସେତିକି ନୁହେଁ ତା'ର ୧୦ ହଜାର ଫଲୋୟର ବି ଅଛନ୍ତି। ୨୦ ମିଟର x ୫୦ ମିଟରର ଏହି ଛୋଟିଆ ପୋଖରୀର ବିଶେଷତ୍ୱ ହେଉଛି ଏହାର କାଚକେନ୍ଦୁ ପରି ପାଣି। ଏହା ମଧ୍ୟକୁ ପ୍ରତି ସମୟରେ ୪୦ଟି ବିଭିନ୍ନ ଝରଣାରୁ ସେକେଣ୍ଡ ପ୍ରତି ୮୦୦ ଲିଟର ପାଣି ପ୍ରବେଶ କରିଥାଏ। ତେଣୁ ଏହାର ପାଣି ସଫା ରହିଥାଏ। ତେବେ ପୂର୍ବରୁ ଏହି ପୋଖରୀର ସ୍ଥିତି ଏଭଳି ନ ଥିଲା। ଏହି ଗାଁ ଆର୍ଥିକ ଦୁର୍ବଳ ଥିବା ସହ ପରିବେଶ ବି ଅପରିଷ୍କାର ଥିଲା। ପୋଖରୀଟି ବି ସଫା ନ ଥିଲା। ତାହା ଗାଧୋଇବା ଓ ଲୁଗା ସଫା ପାଇଁ ବ୍ୟବହାର ହେଉଥିଲା। ତେବେ ଯେବେ ସେଠାକାର ଯୁନେଦି ମୁଲ୍ୟୋନୋ ନାମକ ବ୍ୟକ୍ତି ଗାଁ ମୁଖିଆ ହେଲେ ଗାଁର ସମସ୍ୟା ସବୁକୁ ବିଶ୍ୱବିଦ୍ୟାଳୟ ପିଲାଙ୍କୁ ନେଇ ତାଲିକା କଲେ। ଆଉ ତା'ର ସମାଧାନ ପାଇଁ ଅଣ୍ଟା ଭିଡିଲେ। ଗାଁ ସଫେଇ ସହ ସେହି ପୋଖରୀ ସଫେଇ ଓ ତାର ପାଣି ଯେଭଳି ସବୁବେଳେ ସଫା ରହିବ ଯୋଜନା କଲେ। ଗାଁକୁ ଖୁବ୍ ସୁନ୍ଦରଭାବେ ସଜାଇଲେ। ଆଉ ପୋଖରୀ ସଫା କରି ପାଣି ଭିତରକୁ ବି ସଜାଇଲେ। ଫଳରେ ଗାଁ ପାଲଟିଗଲା ଏକ ପର୍ଯ୍ୟଟନ କ୍ଷେତ୍ର। ଆଉ ସେହି ପୋଖରୀ ପାଲଟିଗଲା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର। ତା ମଧ୍ୟକୁ ଯାଇ ପର୍ଯ୍ୟଟକ ଫଟୋ ଓ ସେଲ୍ଫି ଉଠାଇବା ଆରମ୍ଭ କଲେ। ପାଣି ଭିତରେ ବିଭିନ୍ନ ପ୍ରପ୍ ଯେମିତିକି ମୋଟର ସାଇକେଲ, ବେଞ୍ଚ, ଟିଭି ସେଟ୍, ସ୍କୁଟର ଆଦି ଅଛି। ସେଗୁଡିକୁ ବ୍ୟବହାର କରି ଫଟୋ ଉଠାଇ ପର୍ଯ୍ୟଟକ ଆନନ୍ଦ ପାଉଛନ୍ତି।

# ୫ ଇଞ୍ଚର ବୁଢା ଅଙ୍ଗୁଳି

ଆମେରିକା, ମାସାଚୁସେଟ୍‌ସ୍ଥ ୱେଷ୍ଟପୋର୍ଟର ୨୦ ବର୍ଷୀୟ ଜାକୋବ ପିନା ନିକଟରେ ଟିକ୍‌ଟକ୍‌ରେ ହୋଇଛନ୍ତି ପ୍ରସିଦ୍ଧ। ତେବେ ନିଜ ଗୀତ କି ନାଚ ପାଇଁ ନୁହେଁ। ବରଂ ନିଜର ବୁଢା ଅଙ୍ଗୁଳି ପାଇଁ। ସେ ଟିକ୍‌ଟକ୍‌ରେ ନିଜ ବୁଢା ଅଙ୍ଗୁଳିର ଏକ ମ୍ୟୁଜିକ୍ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ଦେଖିବାକୁ ପାଇବେ ତାଙ୍କର ଅସ୍ୱାଭାବିକ ଭାବେ ଲମ୍ବା ବୁଢା ଅଙ୍ଗୁଳି। ଏହି ଅଙ୍ଗୁଳିଟି ଅନ୍ୟ ଅଙ୍ଗୁଳିଠାରୁ ବି ଲମ୍ବା। ଏହାର ଲମ୍ବା ହେଉଛି



୫ ଇଞ୍ଚ। ଲମ୍ବା ଅଙ୍ଗୁଳିକୁ ନେଇ ଜାକୋବଙ୍କୁ କେହି କେହି ଏଲିୟନ ବି କହନ୍ତି। ତଥାପି ସେ ମନଦୁଃଖ କରନ୍ତି ନାହିଁ। ବରଂ ଅନ୍ୟଙ୍କଠାରୁ ଭିନ୍ନ ହୋଇଥିବାରୁ ସେ ଗର୍ବ ଅନୁଭବ କରନ୍ତି।







# ଉଡ଼ି ଉଡ଼ି ଯାଆନ୍ତି ଅଫିସ୍

ଅଫିସ୍‌କୁ କିଏ ନିଜ ଦୁଇଚକିଆ ଗାଡି ତ କିଏ ଚାରିଚକିଆ ଗାଡିରେ ଯାଆନ୍ତି। ଅନେକେ ବସ୍, ଟ୍ରେନ୍, ଅଟୋରେ ବି ଯାଆନ୍ତି। ହେଲେ ଇଂଲଣ୍ଡର ଟମ୍ ପ୍ରିଡକ୍ସ ବ୍ରୁନ୍ ଉଡି ଉଡି ଯାଆନ୍ତି ଅଫିସ୍‌କୁ। ଦକ୍ଷିଣ ପଶ୍ଚିମ ଇଂଲଣ୍ଡର ୱିଲ୍ଟଶାୟର୍‌ରେ ଅଛି ତାଙ୍କର ଅଫିସ୍। ସେ ପ୍ରତିଦିନ ପିଠିରେ ନେଟ୍‌ଯୁକ୍ତ ହୁପ୍ ଓ ପାରାମୋଟର ଗ୍ଲାଇଡର୍ ବାନ୍ଧି କିଛି ବାଟ ଦୌଡନ୍ତି। ତା'ପରେ ସେ ଆକାଶରେ ଉଡନ୍ତି। ଗ୍ଲାଇଡର୍‌ରେ ଏକ ମୋଟର ସଂଯୁକ୍ତ ହୋଇଥାଏ, ଯାହାକି ଦୌଡିବା ଦ୍ୱାରା ଅନ୍ ହୋଇଥାଏ। ମାତ୍ର ୧୦-୧୨ ପାଦ ଦୌଡିବା ପରେ ହିଁ ଟମ୍ ଭୂମିରୁ ଗୋଡ ଟେକି ଉଡନ୍ତି। ପାଣିପାଗ ଠିକ୍ ଥିଲେ ସେ ଏହିଭଳିଭାବେ ସବୁଦିନ ଉଡିକି ଅଫିସ୍ ଯାଆନ୍ତି। ଟମ୍‌ଙ୍କର ଉଡିବାର ବହୁତ ସଉକ ରହିଛି। ତେଣୁ ସେ ଘରଠୁ ୩୦ କି.ମି. ଦୂର ଅଫିସ୍‌କୁ ପାରାମୋଟର ଗ୍ଲାଇଡର୍‌ରେ ଉଡିକି ଯାଆନ୍ତି। ତେବେ ଏଭଳି ଯିବା ବିପଦରେ ଭରା ହୋଇଥାଏ। ତାଙ୍କର ଏକ ବନ୍ଧୁ ମଧ୍ୟ ଏହିଭଳି ଗଲାବେଳେ ଏକ ପାୱାର ଲାଇନ୍‌ରେ ବାଜି ମୃତ୍ୟୁବରଣ କରିଥିଲେ। ଏସବୁ ଜାଣିବା ସତ୍ତ୍ୱେ ବି ସେ ଏମିତି ଉଡି ଯିବାକୁ ଭଲ ପାଆନ୍ତି। ଆଉ ପ୍ରତ୍ୟେକ ଉଡାଣ ପୂର୍ବରୁ ପାଣିପାଗ ଭଲରେ ଯାଞ୍ଚ କରନ୍ତି।